ସାପ୍ତାହିକ
Postal Regd. No.: SBP/14/2019-2021
ସ୍ୱୀକାର
The Sweekar ସ୍ୱୀକାର
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 25 | 18 - 24 July 2021 | Sambalpur | Page-12 | Invitation Price Rs.10

# ସରକାରୀ ନଥିରେ ବନ୍ଧା ପାତାଳୀ ଶ୍ରୀକ୍ଷେତ୍ରର ଭବ୍ୟ ମନ୍ଦିର

ସୋନପୁର: ଚଳିତ ବର୍ଷ କରୋନା ମହାମାରୀ ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ପରେ ପୁରୀରେ କେବଳ ରଥଯାତ୍ରା ଆୟୋଜିତ ହୋଇଛି । କିନ୍ତୁ ଖୋଦ ମାଦଳା ପାଞ୍ଜି ଅନୁଯାୟୀ, ଦୀର୍ଘ ୧୪୪ ବର୍ଷ ଧରି ପାତାଳି ହୋଇଥିବା ସେହି ସ୍ୱୟଂ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ସୁବର୍ଣ୍ଣପୁର ଜିଲ୍ଲାର କୋଟସମଲାଇର ଛଳିଆ ପାହାଡ଼ରେ ହେବାକୁ ଥିବା ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଭବ୍ୟ ମନ୍ଦିର ନିର୍ମାଣ ଯୋଜନା କେବଳ ସରକାରୀ ନଥିପତ୍ରରେ ବନ୍ଧା ହୋଇ ରହିଥିବାରୁ ଏହାର ନିର୍ମାଣ ଅନିଶ୍ଚିତତା ମଧରେ ରହିଯାଇଛି । ଏପରିକି ଜଗତରନାଥ ଜଗନ୍ନାଥଙ୍କ ଭବ୍ୟ ମନ୍ଦିର ପାଇଁ ଯୋଜନା ପ୍ରସ୍ତୁତ କରିଥିବା ଜାତୀୟ ପୁରସ୍କାର ପ୍ରାପ୍ତ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ପଦ୍ମଭୂଷଣ ରଘୁନାଥ ମହାପାତ୍ର ଏବେ ଆଉ ପାରିରେ ଥିବାରୁ ମନ୍ଦିର ନିର୍ମାଣ ଆହରି ଅନିଶ୍ଚିତତାକୁ ଠେଲି ହୋଇଯାଇଛି । ପାତାଳି ଶ୍ରୀକ୍ଷେତ୍ରରେ ନିର୍ମିତ ହେବାକୁ ଥିବା ମନ୍ଦିରର ଗର୍ଭଗୃହ ଓ ମୁଖଶାଳା ନିର୍ମାଣ ପାଇଁ ୪ କୋଟି ଟଙ୍କାର ବ୍ୟୟ ଅଟକଳକୁ ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଅନୁମୋଦନ କରାଯାଇଥିଲା ।

ସୂଚନା ଅନୁସାରେ ୨୦୧୪ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ହୋଇଥିବା ବିବରଣୀର ବିଷୟ ସୂଚୀ ୧୦ (ଝ) ଅନୁଯାୟୀ, ଶ୍ରୀମନ୍ଦିର ବୈଷୟିକ କମିଟି ସୁବର୍ଣ୍ଣପୁର ଜିଲ୍ଲା କୋଟସମଲାଇ ଠାରେ ଥିବା ପାତାଳି ଶ୍ରୀକ୍ଷେତ୍ରରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମୁଖ୍ୟ ମନ୍ଦିର ଓ ଜଗମୋହନ ନିର୍ମାଣ ସକାଶେ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ । ସ୍ଥପତି ଭବାନୀ ଶଙ୍କର ମିଶ୍ର ମନ୍ଦିର ନିର୍ମାଣ ପାଇଁ ପ୍ଲାନ ପ୍ରସ୍ତୁତ କରିଥିଲେ । ଯାହାର ଖର୍ଚ୍ଚ ଅଟକଳ ୪ କୋଟି ରହିଥିଲା । ପରିଚାଳନା କମିଟି ଆଗରେ ତାହା ଉପସ୍ଥାପନ ପରେ ପ୍ଲାନ ଓ ଖର୍ଚ୍ଚକୁ ଅନୁମୋଦନ କରି ପରବର୍ତ୍ତି ପଦକ୍ଷେପ ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ନିକଟକୁ ପତ୍ର ପ୍ରେରଣ ନିମନ୍ତେ ନିଷ୍ପତ୍ତି ନିଆଯିବା ସହ ଏହି ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ପାଇଁ ବୈଠକରେ ଅନୁରୋଧ କରାଯାଇଥିଲା । ଏହା ବ୍ୟତୀତ ସ୍ଥପତି ତଥା ଜାତୀୟ ପୁରସ୍କାରପ୍ରାପ୍ତ ପ୍ରସ୍ତର ଶିଳ୍ପୀ ପଦ୍ମଶ୍ରୀ ପଦ୍ମଭୂଷଣ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା



ଯୋଜନା ଅନୁସାରେ ପଥର ଖୋଦେଇ ରେଖା ପାଇଁ ୧ କୋଟି ୩୪ ଲକ୍ଷ ୩୧ ହଜାର ୨ ଶହ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଏଠାରେ ପୀଠ, ବାରଣ୍ଡା, ବାଡ଼ା, ପାର୍ଶ୍ୱମନ୍ଦିର, ଉତାସିଂହ, ନବଗ୍ରହ, ଦ୍ୱାରସିଂହ ଆଦି ନିର୍ମାଣ କରାଯିବାର ବ୍ୟବସ୍ଥା ରହିଥିଲା । ଏହା ସହିତ ଜଗମୋହନ ପାଇଁ ୯୧ ଲକ୍ଷ ୨୮ ହଜାର ଟଙ୍କାର ଅଟକଳ ପ୍ରସ୍ତୁତ କରାଯାଇଥିଲା । ଯେଉଁଥିରେ ପୀଠ ସହ ବାରଣ୍ଡି ବାଡ଼ା, ପିଢ଼ାଚାଳ, ବେଡି, ଦଧିନଉତି, କଳସ, ଦ୍ୱାରବନ୍ଧ, ଦୋପିଚା ସିଂ, ଦ୍ୱାରପାଳ ସହ ଅନ୍ୟାନ୍ୟ ବ୍ୟବସ୍ଥା ରହିଥିଲା । ସେହିପରି ନାଟମଣ୍ଡପ ନିର୍ମାଣ ପାଇଁ ୭୧ ଲକ୍ଷ ୩୮ ହଜାର ୪ ଶହ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଏଥିରେ ମଧ ପୀଠ, ବାଡା, ବାରଣ୍ଡି, ପିଢ଼ାଚାଳ, ଦ୍ୱାରବନ୍ଧ, ଦ୍ୱାରପାଳ, ଦୋପିଚା ସିଂହ ରହିବାର ବ୍ୟବସ୍ଥା ରହିଥିଲା । ଲକ୍ଷ୍ମୀ ଓ ବିମଳା ମନ୍ଦିର ନିର୍ମାଣ ପାଇଁ ୨୭ ଲକ୍ଷ ୬୩ ହଜାର ଟଙ୍କାର ଅଟକଳ କରାଯାଇଥିଲା । ଏଥିରେ ବି ପୂର୍ବର ସମସ୍ତ ବ୍ୟବସ୍ଥା ସହ ଦଧିନଉତି ଓ ପାର୍ଶ୍ୱମୂର୍ତ୍ତି ରହିବାର ବ୍ୟବସ୍ଥା ରହିଥିଲା । ଏହା ବ୍ୟତୀତ ଇଟା, ସିମେଣ୍ଟ କଂକ୍ରିଟ ସ୍ଲାବ, କଲମ, ବିମ୍, ଲୁହାରଡ ଓ ପ୍ଲାଷ୍ଟର ପାଇଁ ୧୫ ଲକ୍ଷ ୮୦ ସହ ଏହିପରି ମୋଟ ପ୍ରାୟ ୩ କୋଟି ୯୮ ଲକ୍ଷ ୩୪ ହଜାର ୬ଶହ ଟଙ୍କାର ପ୍ଲାନ ପ୍ରସ୍ତୁତ ହୋଇ ସାରିଥିଲା । ଗତ ୨୦୧୪ ମସିହାରେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟର ସଭାକକ୍ଷରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହା ଉପସ୍ଥାପନ କରାଯାଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ଜିଲ୍ଲା ସଂସ୍କୃତି ବିଭାଗକୁ ଆସିଥିବା ପତ୍ରରେ ସ୍ପଷ୍ଟ କରାଯାଇଥିଲା । ଏପରିକି ବୈଠକ ପରେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଥିବା ସ୍ଥାନ ନିରୁପଣ ତଥା ଅନ୍ୟାନ୍ୟ ପଦକ୍ଷେପ ସମ୍ପର୍କରେ ମନ୍ଦିର ପ୍ରଶାସକ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଜଣାଇ ଥିଲେ । ଏହି ପତ୍ର ମିଳିବା ପରେ ପାତାଳି ଶ୍ରୀକ୍ଷେତ୍ରରେ ଆବଶ୍ୟକ ସ୍ଥାନ ନିରୁପଣ କରି ସୁବର୍ଣ୍ଣପୁର ଜିଲ୍ଲାପାଳ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କମିଶନଙ୍କୁ ପତ୍ର ଲେଖି ମନ୍ଦିର ନିର୍ମାଣ ପାଇଁ ଆବଶ୍ୟକ ଥିବା ୪ କୋଟି ଟଙ୍କାର ବ୍ୟୟ ଅଟକଳକୁ ମଞ୍ଜୁର କରିବା ସହ ମନ୍ଦିର ନିର୍ମାଣ କାର୍ଯ୍ୟକୁ ସ୍ୱୀକୃତି ଦେବାକୁ ଅନୁରୋଧ କରିଥିଲେ । ତେବେ ଏହି ଭବ୍ୟ ମନ୍ଦିର ନିର୍ମାଣର ମୁଖ୍ୟ ପୁରୋଧା ପଦ୍ମଶ୍ରୀ ରଘୁନାଥ ମହାପାତ୍ର ଏବେ ଆଉ ପାରିକୁ ଚାଲି ଯାଇଥିବାରୁ ତାଙ୍କ ଦ୍ୱାରା ପ୍ରସ୍ତୁତ ଯୋଜନା ଏବେ ବାସ୍ତବତାରେ ପରିଣତ ହେବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ବରଗଡ଼ରେ ରାହୁଲ ଜୈନ ନୂତନ ଏସ୍.ପି ଭାବେ ଯୋଗ ଦେଲେ

ବରଗଡ଼ : ବରଗଡ଼ ଜିଲ୍ଲାର ଏସ୍‌ପି ଭାବେ ରାହୁଲ ଜୈନ ଯୋଗ ଦେଇଛନ୍ତି । ବିଦାୟୀ ଏସ୍‌ପି



ପଦ୍ମିନୀ ସାହୁଙ୍କ ଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ପୂର୍ବରୁ ୨୦୧୫ ବ୍ୟାଚର ଆଇପିଏସ୍ ଅଧିକାରୀ ଶ୍ରୀ ଜୈନ ନୂଆପଡ଼ା ଏସ୍‌ପି ଭାବେ କାର୍ଯ୍ୟରତ ଥିଲେ ।

## ରେଢ଼ାଖୋଲରେ ନୂତନ ଉପଜିଲ୍ଲାପାଳ



ରେଢ଼ାଖୋଲ : ରେଢ଼ାଖୋଲ ଉପଖଣ୍ଡରେ ପବିତ୍ର ବେହେରା ଉପ ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ପୂର୍ବରୁ କୁଚିଣ୍ଡାର ଉପଜିଲ୍ଲାପାଳ ଥିଲେ । ଏଠାରେ ଉପଜିଲ୍ଲାପାଳ ଥିବା ପଦ୍ମନାଭ ବେହେରାଙ୍କ ପଦୋନ୍ନତି ସହ ବଦଳି ହେବା ପରେ ବିଡିଓ ପରିକ୍ଷିତ ସାହୁ ଉପଜିଲ୍ଲାପାଳ ଦାୟିତ୍ୱରେ ରହିଥିଲେ ।

# ସୋନୀ ଲେଉଟାଣିରେ ଆସିବାବେଳେ ବିଧାୟକ ଦମ୍ପତି ଦେଲେ ଆଶିର୍ବାଦ

ଝାରସୁଗୁଡ଼ା : ମହାନଦୀରେ ଛତିଶଗଡ଼ରୁ ଭାସି ଆସି ଓଡ଼ିଶାରେ ଉଦ୍ଧାର ହୋଇଥିବା ସୋନୀ ତାଙ୍କ ସ୍ୱାମୀଙ୍କ ସହ ପୋଷ୍ୟ ପିତାମାତାଙ୍କ ଘରକୁ ଲେଉଟାଣିରେ ଆସିଥିବା ବେଳେ କନ୍ୟାଦାନ କରିଥିବା ବ୍ରଜରାଜନଗର ବିଧାୟକ ଓ ତାଙ୍କ ପତ୍ନୀ ଅଳକା ପାରମ୍ପରିକ ରୀତିନୀତି ଅନୁସାରେ ଲେଉଟାଣି ବ୍ୟବହାର ଦେଇ ଆଶୀର୍ବାଦ କରିଛନ୍ତି । ଇତି ମଧରେ କରୋନା କଟକଣା କୋହଳ ହେବାରୁ ସୋନୀ ସ୍ୱାମୀ ପୁରୁଷୋତ୍ତମଙ୍କ ସହିତ କୁଶମେଲ ଗାଁର (ତାଙ୍କୁ ନଦୀ ସୁଅରୁ ଉଦ୍ଧାର କରିଥିବା) ବାପା ସନ୍ୟାସୀ କାଲୋ ଓ ମାଆ ଅହଲ୍ୟାଙ୍କ ନିକଟକୁ ଲେଉଟାଣି ଆସିଥିଲେ ।

ପ୍ରାୟ ପାଞ୍ଚ ବର୍ଷ ତଳେ ଝାରସୁଗୁଡା ଜିଲ୍ଲା ଲଖନପୁର ବ୍ଲକ ବାଦିମାଲ ପଞ୍ଚାୟତର କୁଶୁମେଲ ଗାଁ ନିକଟ ମହାନଦୀ ଓ ସାନ କେଲୋ ନଦୀ ସଂଗମ ସ୍ଥଳ ସତୀ ଦରହରୁ ଉଦ୍ଧାର ହୋଇଥିବା ୧୮ ବର୍ଷିୟା କନ୍ୟା (ସୋନୀ ଯାଦବ) ଘଟଣା ସାରା ଓଡ଼ିଶାର ମୁଖ୍ୟ ଖବର ପାଲଟିଥିଲା । ଛତିଶଗଡ଼ ଚନ୍ଦରପୁର ଚନ୍ଦ୍ରାସେନୀ ମନ୍ଦିର ନିକଟରୁ ୨୦୧୬ ମସିହା ସେପ୍ଟେମ୍ବର ୧୩ ତାରିଖ ମହାନଦୀର ପ୍ରଖର ସୁଅରେ ଦୀର୍ଘ ୫୦ କିଲୋମିଟର ଭାସି ଆସିଥିଲେ ସୋନୀ । ଛତିଶଗଡ଼ର ମାଁ ଚନ୍ଦ୍ରାସେନୀ ଓ ଓଡିଶାର ମାଁ ପଦ୍ମାସେନୀଙ୍କ ଅପାର କରୁଣାରୁ ଜଳ ସୁଅରେ ଦୀର୍ଘ ୧୨ ଘଣ୍ଟା ଭାସିବା ପରେ ମତ୍ସ୍ୟଜୀବୀଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ । ସୋନୀକୁ ଝିଅ ରୂପେ ଗ୍ରହଣ କରି କରୋନା ଦ୍ୱିତୀୟ ଲହର ପ୍ରାରମ୍ଭ ବେଳେ ତାଙ୍କ ଶୁଭ ପରିଣୟ ହୋଇଥିଲା । ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଏବଂ ତାଙ୍କ ପତ୍ନୀ ଅଳକା ହିନ୍ଦୁ ପାରମ୍ପାରିକ ରୀତିନୀତି ହିସାବରେ ଗତ ଏପ୍ରିଲ ୨୧ ତାରିଖ କନ୍ୟାଦାନ କରିଥିଲେ । ସୋନୀର ବାହାଘର ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲ୍ଲା ଧରମଜୟଗଡ଼ ଗାଁର ପ୍ରେମ ସିଂହ ଯାଦବଙ୍କ ପୁଅ ପୁରୁଷୋତ୍ତମଙ୍କ ସହିତ ସମ୍ପନ୍ନ ହୋଇଥିଲା । ସେତେବେଳେ ସୋନୀଙ୍କ ବାହାଘର ପାଇଁ କୁଶମେଲ ଗାଁ ଏକ ଉତ୍ସବମୁଖର ହୋଇପଡ଼ିଥିଲା । ବାହାଘର ସମସ୍ତ ଖର୍ଚ୍ଚ କୁଶମେଲ ଗ୍ରାମବାସୀ ବହନ କରିବା ସହିତ ବିଧାୟକ ଶ୍ରୀ ମହାନ୍ତି ମଧ ବରକନ୍ୟାଙ୍କୁ ଉପହାର ଦେଇ କନ୍ୟାଦାନ କରିଥିଲେ ।

ସୂଚନା ଯୋଗ୍ୟ ସୋନୀଙ୍କ ମୂଳ ଗାଁ ଛତିଶଗଡ଼ ରାଜ୍ୟର ରାୟଗଡ଼ ଜିଲା ସାରଙ୍ଗଗଡ଼ ଥାନା କେବରା । ସେ ମାଁଙ୍କ ଗର୍ଭରେ ଥିବା ବେଳେ ତାଙ୍କ ବାପା ଶ୍ୟାମକୁମାର ମାନସିକ ଭାରସାମ୍ୟ ହରାଇ କୁଆଡ଼େ ଚାଲିଯାଇ





ଆଉ ଘରକୁ ଫେରି ନ ଥିଲେ । ସୋନୀ ଅନେକ କଷ୍ଟ କରି ଅଷ୍ଟମ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ । ୧୨ ବର୍ଷ ବୟସ ବେଳକୁ ମା'ଙ୍କ ମୃତ୍ୟୁ ଘଟିଥିଲା । ମାମୁଁ ଘରେ ଅଜା ଶଙ୍କର ଯାଦବଙ୍କ ସହ ସେ ରହୁଥିଲେ । ପରେ ମାଉସୀ ସୁନିତା ସୋନୀଙ୍କୁ କମଳାନଗରକୁ ନେଇ ଆସିଥିଲେ । ଆଠ ମାସ ଧରି ସୋନୀ ସେଠାରେ ଜଣକ ଘରେ କାମ କରିଥିଲେ । ୨୦୧୬ ମସିହା ସେପ୍ଟେମ୍ବର ୧୩ ତାରିଖ କାମ କରୁଥିବା ଘର ମାଲିକଙ୍କ ଠାରୁ ଦୁଇ ଦିନ ପାଇଁ ଛୁଟି ନେଇ ସକାଳ ପ୍ରାୟ ୧୧ ଟାରେ ଏକ ଘରୋଇ ବସ୍ ଯୋଗେ ବାହାରି ମଧାହ୍ନ ପ୍ରାୟ ୧ଟାରେ ଛତିଶଗଡ଼ ଜାଗିର ଚାଁପା ଜିଲ୍ଲାର ଚନ୍ଦରପୁରରେ ଥିବା ଚନ୍ଦ୍ରହାସିନୀ ମନ୍ଦିର ପହଞ୍ଚିଥିଲେ । ସେଠାରେ ମାଁ ଚନ୍ଦ୍ରହାସିନୀଙ୍କ ଦର୍ଶନ ପରେ ମାତା ନାଥଳଦେଈ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ । ଏହା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ନିକଟରେ ପ୍ରବାହିତ ମହାନଦୀରେ ସୋନୀ ଗୋଡ଼ ଧୋଉଥିବା ବେଳେ ଅସାବଧାନକତା ହେତୁ ତାଙ୍କ ଗୋଡ଼ ଖସିଯାଇ ପ୍ରବଳ ପାଣି ସୁଅରେ ଭାସିଯାଇଥିଲେ । ଦୀର୍ଘ ୧୨ ଘଣ୍ଟା ପରେ ଘଟଣା ସ୍ଥଳରୁ ୫୦ କିଲୋ ମିଟର ଦୂର ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲା କୁଶମେଲ ଗାଁ ସତୀ ଦରହ ନିକଟରେ ପାଣିରେ ଭାସୁଥିଲେ । ଏହି ଅବସରରେ କୁଶମେଲ ଗ୍ରାମର ମତ୍ସ୍ୟଜୀବୀ ସନ୍ୟାସୀ କାଲୋ, ସନ୍ତୋଷ ସିଦ୍ଧାର, ମୋହନ ସେଠ, ହିମାଞ୍ଚଳ ସେଠ ସାଙ୍ଗ ହୋଇ ୨ଟି ଡଙ୍ଗାରେ ମହାନଦୀରୁ ଘରକୁ ଫେରୁଥିବା ସମୟରେ ଝିଅଟିଏ ଭାସୁଥିବା ଦେଖି ସେମାନେ ସୋନୀକୁ ପାଣିରୁ ଉଦ୍ଧାର କରିଥିଲେ । ପରେ ସନ୍ୟାସୀ ଓ ତାଙ୍କ ପତ୍ନୀ ଅହଲ୍ୟା ଅତି ନିଷ୍ଠାର ସହ ସୋନୀର ଲାଳନ ପାଳନ କରିଥିଲେ ।

## ଏ ସଂଖ୍ୟାରେ..



ଔଷଧୀୟ ଗୁଣରେ ଭରପୁର ମୁଗ



ଏସିଡିଟି ଦୂର କରେ ଘିକୁଆଁରୀ



ସ୍ୱାସ୍ଥ୍ୟୋପଯୋଗୀ ତେନ୍ତୁଳି



ଶରୀର ପାଇଁ ଲାଭକାରୀ ଗୁଡ଼



ଛେଳି କ୍ଷୀରର ଉପକାରିତା

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତାର ପ୍ରତିବାଦରେ ବିଜେପିର ବିକ୍ଷୋଭ ପ୍ରଦର୍ଶନ

ସମ୍ବଲପୁର: ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତାର ପ୍ରତିବାଦ କରି ବିଜେପି ପକ୍ଷରୁ ଉତ୍ତରାଞ୍ଚଳ ଆରଡିସି ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟ ଉପସଭାପତି ତଥା ରେଙ୍ଗାଲି ବିଧାୟକ ନାଉରୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ପଶ୍ଚିମ ଓଡିଶାର ବହୁ ତୁଙ୍ଗ ନେତା ତଥା ବିଧାୟକ ଓ ସାଂସଦ ସାମିଲ ହୋଇଥିଲେ ।



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହଜାର କୋଟିର ଦୁର୍ନୀତି ହୋଇଥିବା ବେଳେ ପଶ୍ଚିମ ଓଡିଶାର ସମସ୍ତ ଜିଲ୍ଲାକୁ ସାଂଘାତିକ ଅଣଦେଖା କରାଯାଇଥିବା ଅଭିଯୋଗ କରି କିଛିଦିନ ହେଲା ବିଜେପି ଆନ୍ଦୋଳନକୁ ଓହ୍ଲାଇଛି । ଏନେଇ ଇତିମଧ୍ୟରେ ସବୁ ଜିଲ୍ଲା ଏବଂ ବ୍ଲକସ୍ତରରେ ଆନ୍ଦୋଳନ କରିବା ପରେ ଆଜି ଆର୍‌ଡିସିଙ୍କ ଅଫିସ ଆଗରେ ବିକ୍ଷୋଭ ସମାବେଶ କରିଛି ।

ଗତ କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ ରାଜ୍ୟ ସରକାର ଦାଖଲ କରିଥିବା ତାଲିକାରେ ପଶ୍ଚିମାଞ୍ଚଳ କୁ ସମ୍ପୂର୍ଣ୍ଣ ଭାବରେ ଅବହେଳା କରାଯାଇଛି । ୯ ଜିଲ୍ଲା ର ହିତାଧିକାରୀଙ୍କ ସଂଖ୍ୟା ଶୂନ ରହିଥିବା ବେଳେ ଦେବଗଡ଼ ଜିଲ୍ଲାରେ ୧୧୧ ଓ ଝାରସୁଗୁଡା ଜିଲ୍ଲାରେ ମାତ୍ର ୪ ଜଣ ହିତାଧିକାରୀଙ୍କ ସଂଖ୍ୟା ଯେତିକି ଆଶ୍ଚର୍ଯ୍ୟ କରିଛି ସେତିକି ଚିନ୍ତାର ବିଷୟ ବୋଲି ନେତାମାନେ ପ୍ରକାଶ କରିଥିଲେ । ତେବେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଉଥିବା ଏହି ଅନୁଦାନକୁ ହଡପ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ଗରିବଙ୍କୁ ଗରିବଙ୍କୁ ଶୋଷଣ କରାଯାଉଛି ବୋଲି ନେତାମାନେ ଅଭିଯୋଗ କରିଥିଲେ ।

ସେପଟେ, ପ୍ରତି ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଏବଂ ପୌର ସଂସ୍ଥା ଅଫିସରେ ହଜାର ହଜାର ସଂଖ୍ୟାରେ ଆବେଦନ ପଡି ରହିଥିଲେ ହେଁ ସେଗୁଡିକୁ ଯାଞ୍ଚ ବି କରାଯାଉନାହିଁ । ଆଉ ଯୋଗ୍ୟତା ନଥିବା ସତ୍ତ୍ୱେ ବିଜେଡି କର୍ମୀଙ୍କୁ ଘର ଦିଆଯାଉଛି । ତେବେ, ଏହି ଅନିୟମିତତାରେ ସଂପୃକ୍ତ ଭ୍ରଷ୍ଟ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଗରିବଙ୍କୁ ସେମାନଙ୍କ ହକ୍ ନ ଦେଲେ ଆଗାମୀ ଦିନରେ ବିଜେପି ଜୋରଦାର ଆନ୍ଦୋଳନ କରିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି ।

ଏହି ସମାବେଶରେ ସମ୍ବଲପୁର ସାଂସଦ ନିତେଶ ଗଙ୍ଗଦେବ, ବରଗଡ ସାଂସଦ ସୁରେଶ ପୂଜାରୀଙ୍କ ସମେତ ବିଧାୟିକା କୁସୁମ ଟେଟେ, ସୁବାଷ ପାଣିଗ୍ରାହୀ, ମୁକେଶ ମହାଲିଙ୍ଗ, ଶଙ୍କର ଓରାମ, ଭବାନୀ ଶଙ୍କର ଭୋଇ ପ୍ରମୁଖ ସାମିଲ ହୋଇଥିଲେ । ସେହିପରି ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାଏକ, ସମ୍ପାଦକ ଟଙ୍କଧର ତ୍ରିପାଠୀ, ସୁରେଶ୍ୱର ଶତପଥୀ, ସନତ ଗଡ଼ତିଆ, ଲକ୍ଷ୍ମଣ ବାଗ, ଦିନେଶ ଜୈନ, ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷ ରାଧେଶ୍ୟାମ ବାରିକ ସମ୍ବଲପୁର ଜିଲ୍ଲା ସଭାପତି ଗିରିଶ ପଟେଲ, ସୋନପୁର ସଭାପତି ପ୍ରମୋଦ ମହାପାତ୍ର, ବଲାଙ୍ଗୀର ସଭାପତି ଶିବାଜୀ ମହାନ୍ତି, ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ ପ୍ରମୁଖ ବହୁ ନେତା ସାମିଲ ହୋଇ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ସମୀକ୍ଷା ବୈଠକ

ସୁବର୍ଣ୍ଣପୁର : ଚଳିତ ବର୍ଷ ସମ୍ଭାବ୍ୟ ବନ୍ୟାର ମୁକାବିଲା କରିବା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହଲସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ମ୍ୟୁନିସିପାଲିଟି ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ବିଭାଗ ଆସନ୍ନ ବନ୍ୟା ମୁକାବିଲା ପାଇଁ କିପରି ପ୍ରସ୍ତୁତ ଅଛନ୍ତି ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ଏମଆଇ, କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ତେଲ ଡିଭିଜନ ପ୍ରକଳ୍ପ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନଦୀକୂଳରେ ଥିବା ସମସ୍ତ ଘାଇ, ନଦୀ ପଠା ଗୁଡିକ ଯାଞ୍ଚ କରି ଦୁର୍ବଳ ଘାଇ ଓ ବିପଦ ସଂକୁଳ ପଠା ଗୁଡିକୁ ସୁଦୃଢ଼ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ସହରାଞ୍ଚଳରେ ଥିବା ବିଭିନ୍ନ ନାଳ ଗୁଡିକ ସଫା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବନ୍ୟା ପ୍ରବଣ ଅଞ୍ଚଳରେ ଅଗ୍ରୀମ ଶୁଖିଲା ଖାଦ୍ୟ ମହଜୁଦ ରଖିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏତଦବ୍ୟତୀତ ଜିଲ୍ଲାର ବିଭିନ୍ନ ବନ୍ୟା ସମ୍ବେଦନଶୀଳ ଅଞ୍ଚଳରେ ପାୱାର ବୋଟ ଏବଂ ଦେଶି ଡଙ୍ଗା ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ଉପଜିଲ୍ଲାପାଳମାନଙ୍କୁ ଧାନ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଥିବା ୬ ଗୋଟି ବନ୍ୟା ଆଶ୍ରୟ ସ୍ଥଳୀ ଯେପରି ବନ୍ୟା ସମୟରେ ସମ୍ପୂର୍ଣ୍ଣ ଉପଯୋଗ ହୋଇ ପାରିବ ସେଥିପାଇଁ ଜିଲ୍ଲାପାଳ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜୁନ ୧ ତାରିଖ ଠାରୁ ଜିଲ୍ଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଚାଲୁ ରହିଥିବା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ ପ୍ରକାଶ କରିଥିଲେ ଏବଂ ବନ୍ୟା ଜନିତ ସମସ୍ତ ଅଭିଯୋଗ ଟେଲିଫୋନ ନଂ. ୦୬୬୫୪-୨୨୦୩୬୨, ୮୮୯୫୧୩୯୬୮୧ ଏବଂ ୧୦୭୭ ରେ ଦେଇପାରିବେ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜିଲ୍ଲା ପଶୁ ସମ୍ପଦ ଅଧିକାରୀଙ୍କୁ ବନ୍ୟାପୂର୍ବରୁ ଆବଶ୍ୟକୀୟ ଔଷଧ ଏବଂ ଗୋଖାଦ୍ୟ ମହଜୁଦ ରଖିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

# ଜଳ ଜୀବନ ମିଶନ ଓଡ଼ିଶାକୁ ୩୩୨୩ କୋଟି କେନ୍ଦ୍ରୀୟ ଅନୁଦାନ

ନୂଆଦିଲ୍ଲୀ: ଜଳ ଜୀବନ ମିଶନରେ ୨୦୨୧-୨୨ ବର୍ଷ ପାଇଁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ତରଫରୁ ଓଡ଼ିଶା ନିମନ୍ତେ ୩୩୨୩ କୋଟି ଅନୁଦାନ ରାଶି ମଞ୍ଜୁର ହୋଇଛି । ପାନୀୟ ଜଳ ଯୋଜନାରେ ପୂର୍ବର କୌଣସି ଆର୍ଥିକ ବର୍ଷ ତୁଳନାରେ ଓଡ଼ିଶାକୁ ସର୍ବାଧିକ କେନ୍ଦ୍ରୀୟ ଅନୁଦାନ ମିଳିଛି । ୨୦୨୪ ମାର୍ଚ୍ଚ ସୁଦ୍ଧା ପ୍ରତି ଘରକୁ ପାଇପ ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ନେଇ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶି ପୂର୍ବବର୍ଷ ତୁଳନାରେ ଚାରି ଗୁଣ ବଢ଼ିଛି । ୨୦୨୦-୨୧ ବର୍ଷରେ 'ହର ଘର ଜଳ' ଯୋଜନାରେ ଓଡ଼ିଶାକୁ ୮୧୨.୧୫ ଅନୁଦାନ ରାଶି ମିଳିଥିଲା । କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ତଥ୍ୟ ଅନୁଯାୟୀ ରାଜ୍ୟର ୮୫.୬୬ ବାସଗୃହ ମଧ୍ୟରୁ ମାତ୍ର ୨୫.୯୫ ବାସଗୃହକୁ ପାଇପ ମାଧମରେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଓଡ଼ିଶାରେ ୨୦୨୧-୨୨ରେ ୨୧.୩୧ ଲକ୍ଷ, ୨୦୨୨-୨୩ରେ ୨୨.୫୩ ଲକ୍ଷ ଓ ୨୦୨୩-୨୪ ରେ ୧୮.୮୭ ଲକ୍ଷ ବାସଗୃହକୁ ପାଇପ ଦ୍ୱାରା ପାନୀୟ ଜଳ ଯୋଗାଣ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ କହିଛନ୍ତି ଯେ ରାଜ୍ୟର ପ୍ରତ୍ୟେକ ଗ୍ରାମରେ ପାଇପ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ କରାଗଲେ ୨୦୨୪ ମାର୍ଚ୍ଚ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିବ । ସେଥିଲାଗି ପ୍ରତ୍ୟେକ ଗ୍ରାମରେ ପାଇପ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ଶେଖାୱତ । ଲକ୍ଷ୍ୟ ପୂରଣ ଲାଗି ଖର୍ଚ୍ଚ ହୋଇ ନ ପାରି ପଡି ରହିଥିବା ୧୦.୯୩ କୋଟି ଓ ରାଜ୍ୟର ଅଂଶ ୩୨୫୩ କୋଟି ସମେତ ସମୁଦାୟ ୬୫୯୬ କୋଟି ରାଶି ଉପଲବ୍ଧ ରହିବ ଏବଂ ଅର୍ଥ ଅଭାବ ରହିବ ନାହିଁ ବୋଲି କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଶ୍ରୀ ଶେଖାୱାତ ସ୍ପଷ୍ଟ କରିଛନ୍ତି ।

# ଝାରସୁଗୁଡ଼ା ଜିଲ୍ଲା ପୋଲିସ ପକ୍ଷରୁ ତାଳପଟିଆରେ ବନ ମହୋତ୍ସବ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ପୋଲିସ ପ୍ରଶାସନ ତରଫରୁ ୭୨ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଟାଉନ ଥାନା ତାଳପଟିଆ ଫାଣ୍ଡି ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଏସପି ବିକାଶ ଚନ୍ଦ୍ର ଦାସ ମୁଖ୍ୟ ଅତିଥି, ଡିଏଫଓ ଲଳିତ ପାତ୍ର, ଏସିଏଫ୍ ସସ୍ମିତା ସାହୁ, ଅତିରିକ୍ତ ଏସ୍.ପି କେଶବ ଚନ୍ଦ୍ର ବେହେରା, ଏସଡିପିଓ ନିର୍ମଳ ମହାପାତ୍ର, ବନଶ୍ରୀ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଔଷଧୀୟ ଗଛ ହରିଡ଼ା, ବାହାଡ଼ା, ଅଁଳା, ଲିମ୍ବ ସହିତ ଆମ୍ବ, ପିଜୁଳି, ଲେମ୍ବୁ, ଡାଳିମ୍ବ, ପଣସ ଆଦି ଚାରା ଲଗାଇଥିଲେ । ଝାରସୁଗୁଡ଼ା ଏସଡିପିଓ ଶ୍ରୀ ମହାପାତ୍ର, ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ, ଶରତ ଚନ୍ଦ୍ର ଦ୍ୱିବେଦୀ ଓ ସୁନିଲ ସରାଫ୍‌ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉନ୍ନୟନ ସମୀକ୍ଷା

ସୁବର୍ଣ୍ଣପୁର : ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରେମଚନ୍ଦ ଚୌଧୁରୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ବିଭାଗ ଦ୍ୱାରା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ । ଶ୍ରୀ ଚୌଧୁରୀ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ଅନ୍ତର୍ଗତ ପିପିଲିପାଲି ଠାରେ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ପରିସରରେ ବୃକ୍ଷ ରୋପଣ କରିଥିଲେ । ପରେ ପରେ ଲକର୍ମା ଗ୍ରାମରେ ଛେଳିଫାର୍ମ ହିତାଧିକାରୀଙ୍କୁ ଭେଟିବା ସହିତ ଜୀବନ ଜୀବିକା ଉପରେ ପଚାରି ବୁଝିଥିଲେ । ସେ ଗସ୍ତ ଅବସରରେ ଲକର୍ମା ଠାରେ ଲେମୋନ ଗ୍ରାସ ପ୍ରୋସେସିଂ ୟୁନିଟ୍, ସରକାରୀ ପଲିଟେକ୍ନିକ, ସାମ୍ବାଦିକ ଭବନ, କଳାପଥର ଠାରେ ଜୈବ ପୁଞ୍ଜ ପ୍ରଣାଳୀରେ ମାଛ ଚାଷ ପ୍ରଭୃତି ବିଭିନ୍ନ ପ୍ରକଳ୍ପ ଦେଖିଥିଲେ । କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା କିଲିଟାରି ସମ୍ମିଳନୀ କକ୍ଷରେ ଉନ୍ନୟନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ ।

ବୈଠକରେ ଜିଲ୍ଲାପାଳ ଶ୍ରୀମତୀ ଅବୋଲ ସୁନିଲ ନରୱାଣେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୈଠକରେ ଉପସ୍ଥାପନା କରିଥିଲେ । ବୈଠକରେ କୃଷି ଉଦ୍ୟାନ କୃଷି ପ୍ରାଣୀ ଧନ, ଜିଲ୍ଲା ଶିଳ୍ପ ବିଭାଗ, ବୟନ ଶିଳ୍ପ, ଜାତୀୟ ଜୀବିକା ମିଶନର କାର୍ଯ୍ୟକ୍ରମ, ମତ୍ସ୍ୟ ଓ ପଶୁ ପାଳନ ପ୍ରଭୃତି ବିଭାଗର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଶ୍ରୀ ଚୌଧୁରୀ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀଙ୍କୁ ଜିଲ୍ଲାର ଜୀବନ ଜୀବିକାକୁ ବିଶେଷ ଧାନ ଦେଇ କାର୍ଯ୍ୟକ୍ରମ କରିବାକୁ ପରାମର୍ଶ ଦେଇଛନ୍ତି । ସ୍ଥାନୀୟ ଯୁବକ ଯୁବତୀଙ୍କୁ କୁଶଳୀ ତଥା ଦକ୍ଷ କରିବା ପାଇଁ ତଥା ବ୍ୟାଙ୍କ ଋଣ ସହାୟତା ଲକ୍ଷ୍ୟ ବୃଦ୍ଧି କରିବା ସହ ଟର୍ମ ଲୋନ ଉପରେ ଅଧିକ ଧାନ ଦେବାକୁ ଏ.ଜି.ଏମ୍ ନାବାର୍ଡଙ୍କୁ ପରାମର୍ଶ ଦେଇଥିଲେ । ପୁନଶ୍ଚ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପିଡବ୍ଲୁଡି, ଆରଡିଓ ଏମଆଇଙ୍କୁ ଜିଲ୍ଲାର ଶିକ୍ଷିତ ବୈଷୟିକ ଡିପ୍ଲୋମାଧାରୀଙ୍କୁ ଅଧିକ ଦକ୍ଷ ଓ କୁଶଳୀ କରିବା ନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ପିଡିଡିଆରଡିଏ ତୋଳାମଣି ପଟେଲ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଶ୍ରୀ ସୁକାନ୍ତ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜିଏମ ଡିଆଇସି, ଏଡିଟି ସିଡିଏଓ ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।

ଭାଗବତ

# କଂସ ଓ କୃଷ୍ଣ

କଂସର ସେବକମାନେ ଆଖିବୁଜି ଭେରୀ ତୁରୀ ବଜାଉଥିଲେ । ଏଣେ ଚାଣୂର ମୁଷ୍ଟିକ ଓ ଆଉ ଆଉ ମଲ୍ଲମାନେ ମଲେଣିପଛେ, ଭେରି ତୁରି ବନ୍ଦ ହେଉନାହିଁ । ଏହା ଦେଖି କଂସ ଗର୍ଜନ କରି କହିଲା 'ଆରେ ବନ୍ଦକର ବୀରବାଜା । ମୋ ମଲ୍ଲମାନେ ମଲେଣି, ତୁମେ କେଉଁ ଖୁସିରେ ଭେରୀ ତୁରୀ ବଜାଉଛ । ଭେରୀ ତୁରୀ ବନ୍ଦ ହୋଇଗଲା । କଂସର ମୃତ୍ୟୁ ନିକଟ ହୋଇ ଆସିଲା । ସେ ଭୟରେ ଏଭଳି ଉତ୍ତେଜିତ ହୋଇଗଲା ଯେ, କେବଳ ବାଚାଳଙ୍କ ଭଳି ଏଣୁତେଣୁ ବକିବାରେ ଲାଗିଲା । ସେ ବକୁଥାଏ, ସେ ବାଳକଙ୍କୁ ମାରିପକାଅ, ନନ୍ଦକୁ ଧରିଆଣ । ବସୁଦେବକୁ ପ୍ରାଣରେ ମାରିଦିଅ-

*ଏମନ୍ତ କଂସମୁଖୁ ଶୁଣି । କୋପେ ଚାହିଁଲେ ଚକ୍ରପାଣି ।*
*କଂସର ମଞ୍ଚାରେ ଉଠିଲେ । ସ୍ୱର୍ଗେ ଯେ ଦେବଗଣ ଥିଲେ ।*
*ଦେଖି କରନ୍ତି ଜୟ ଜୟ । ଅବନୀ ହୋଇଲା ନିର୍ଭୟ ।*
*କୃଷ୍ଣଙ୍କୁ ଦେଖି କଂସ ଉଠି । ଖଡ଼୍ଗେ କଲା ଦୃଢ଼ମୁଷ୍ଟି ।*
*ଉଞ୍ଚାଇ ଗୋବିନ୍ଦ ଉପରେ । ଡେଇଁ ପଡ଼ନ୍ତେ ରୋଷଭରେ ।*
*ଛଞ୍ଚାଣ ପ୍ରାୟେ ଧାଡିକାରେ । କେଶ ଧଇଲେ ପ୍ରଭୁକରେ ।*
*ଅସୁର ନ ପାଇଲା ଚଳି । କୃଷ୍ଣଙ୍କୁ ଚାହିଁଲା ନିରୋଳି ।*
*ଚକ୍ଷୁର ବାଟେ ପ୍ରାଣ ଗଲା । କୃଷ୍ଣର ଶରୀରେ ପଶିଲା ।*
*କଂସର ମୃତ୍ୟୁ ହେବାକ୍ଷଣି ।*
*............ ।*

ଚତୁର୍ଦ୍ଦିଗ ପ୍ରଫୁଲ୍ଲ ପ୍ରସନ୍ନ ଦେଖାଗଲା । କଂସର ମୃତ୍ୟୁ ହୋଇଯିବାରୁ ତାର ଅଷ୍ଟଭାଇ ଅତି କ୍ରୋଧ ପ୍ରକାଶ କଲେ । ସେମାନେ କହ୍ନେଇଙ୍କୁ ଆକ୍ରମଣ କଲେ । ବଳରାମ ଓ କୃଷ୍ଣ ମିଶି ସେମାନଙ୍କୁ ମଧ ପ୍ରାଣରେ ମାରିଦେଲେ । କଂସ ମାମୁଁ ମଲା । ଏକଥା ମାଇଁମାନଙ୍କୁ ଖୁବ୍ ଦୁଃଖ ଦେଲା । ମାଇଁମାନେ କଂସର ମୃତ ପିଣ୍ଡକୁ ଧରି ଖୁବ୍ ବାହୁନି ବାହୁନି କାନ୍ଦିଲେ । ମାଇଁମାନଙ୍କ କାନ୍ଦଣା ଆଉ ବାହୁନିବା ସ୍ୱର ଶୁଣି ଶ୍ରୀକୃଷ୍ଣ ଅଭିନୟ ଆରମ୍ଭ କରିଦେଲେ । ସେ ମଧ କାନ୍ଦିବା ଆରମ୍ଭ କରିଦେଲେ । ତାଙ୍କ ଆଖିରୁ ଝରଝର ଲୁହ ନିଗିଡ଼ିବାରେ ଲାଗିଲା । କୃଷ୍ଣଚନ୍ଦ୍ର ଯେମିତି ଅଭିନୟ କରିପାରନ୍ତି ପୃଥିବୀର ଅନ୍ୟକେହି ସେପରି ଅଭିନୟ କରିପାରନ୍ତି ନାହିଁ । ସେ ମାଇଁମାନଙ୍କ ଗହଣରେ କାନ୍ଦିକାନ୍ଦି କହିଲେ ମୁଁ ଏ କେଡେ ହତଭାଗା । ଏଗାରବର୍ଷ ପରେ ପ୍ରଥମ ଥର ମାମୁଁଘରକୁ ଆସିଲି, ଦୈବ ମାମୁଁଙ୍କୁ ମାରିଦେଲା ।

*ବୋଲନ୍ତି ମୋର କର୍ମ ମନ୍ଦ । ଦଇବ କରିଅଛି ଛନ୍ଦ ।*
*ଜାତ ହୋଇଲି ବନ୍ଦୀ ଘରେ । ପିତା ମୋ ଘେନିଗଲେ ଡରେ ।*
*ଗଉଡ ପଣେ ଦିନ ନେଇ । ମୋହର କୁଳ ମୂଳ ନାହିଁ ।*
*ସେବକ ପ୍ରାୟେ ନନ୍ଦ ଘରେ । ଗୋରୁ ଚରାଏ ବନ ଘୋରେ ।*
*ଦିବସେ ନ ରହୁ ନା ଘରେ । ଅନ୍ନ ପୁଡାଏ ଘେନି କରେ ।*
*ରାତ୍ର ପାହିଲେ ବନେ ଯାଇ । ଏମନ୍ତେ ଜୀବନ ପୋଷଇ ।*

ଆହେ ମାଇଁମାନେ । ମନେ ପକାଇ ପକାଇ କେତେ ଦୁଃଖ କଥା କହିବି ? ମୁଁ ବଡ଼ ହତଭାଗା । ମାମୁଁ ମୋ ଛ ଭାଇଙ୍କି ମାଇଲା । ମୋତେ ମାରିବାକୁ ମନକରି ଅକ୍ରୁର ହାତରେ ଡକାଇ ଆଣିଲା । ମୁଁ ଆସୁଥିଲି । କୁବଳୟାପୀଡ଼ ହାତୀ ହାତରେ ମାରିବାକୁ ବସିଲା । ଭାଗ୍ୟ ବଳରେ ସେହି କୃତାନ୍ତକ ହାତରୁ ଖସିଲି । ପୁଣି ମଲ୍ଲଙ୍କ ହାବୁଡ଼ରେ ପଡିଲି । ସେମାନଙ୍କ ଦାଉରୁ ରକ୍ଷା ପାଇବା କ୍ଷଣି ମାମୁଁ କହିଲା ନନ୍ଦଙ୍କୁ ମାର, ବସୁଦେବଙ୍କୁ ମାର ରାମକୃଷ୍ଣଙ୍କୁ ମାର, ଉଗ୍ରସେନଙ୍କୁ ଶୂଳୀରେ ବସାଅ । ଭାଗ୍ୟକେଡେ ମନ୍ଦ ଦେଖନ୍ତୁତ । କି କି କଥା ସତେ ନ ଶୁଣିଲି । ମାମୁଁଙ୍କୁ ବୁଝାଇବା ପାଇଁ ମଞ୍ଚ ଉପରେ ଚଢ଼ିଲି । ମାମୁଁ ଖଣ୍ଡାଧରି ମୋତେ ମାରିବାକୁ ଆସିଲେ । ମୁଁ ତାଙ୍କ ଗୋଡ଼ତଳେ ପଡିଲି । ସେ ମୋ ବାଳଧରି ମଞ୍ଚ ଉପରୁ ତଳକୁ ଫୋପାଡି ଦେଲେ । ମୁଁ ତ ତାଙ୍କ ଗୋଡ଼ ଦୁଇଟା ଧରିଥିଲି । ମୁଁ ତଳେ ପଡିଲି ଆଉ ସେ ମୋ ଉପରେ କ'ଣ କରିବି ? ତଳୁ ଉଠି ଦେଖିଲା ବେଳକୁ-ମଞ୍ଚାରୁ ପଡି ମାମୁଁ ମଲା । ମୋତେ ତ ଦଇବ ରଖିଲା ।

*ଆହେ ମାଇଁମାନେ ।*
*ମୋହର କର୍ମେ ନାହିଁ ଭୋଗ । ମାମୁଁ ଭଣଜା ଯୋଗାଯୋଗ ।*
*ଅର୍ଜି ମୁଁ ଥିଲି ଯାହା ପୂର୍ବେ । ଫଳିଲା ମୋତେ ଆସି ଏବେ ।*
*ମାୟା ସଂସାରେ ଏହି ମତେ । ଜନ୍ମ ମରଣେ ବେନି ପଥେ ।*
*ପ୍ରାଣୀ ହୁଅନ୍ତି ଆତ ଯାତ । କର୍ମର ଫଳେ ସେ ପ୍ରାପତ ।*
*କହ୍ନେଇ ଏହିପରି କହି ମାଇଁମାନଙ୍କୁ ବୁଝାଇ ଦେଲେ ।*
*ଅଶ୍ୱାସ କରି କଂସନାରୀ । ବଦନା ପୋଛିଲେ ମୁରାରି ।*
*ଜଣ ଜଣକେ ବୋଧ କଲେ ।*
*ଆନନ୍ଦେ କଂସ ପୋଡ଼ାଇଲେ ।*

ପରେ ମାଇଁମାନେ କୃଷ୍ଣଙ୍କୁ ପ୍ରବୋଧନା ଦେଇ କହିଲେ- 'ତୁମର କିଛି ଦୋଷ ନାହିଁ । ବାଳହତ୍ୟା ଦୋଷ ଯୋଗୁଁ ତୁମ ମାମୁଁ ମଲେ । ତୁମେ ନିର୍ଦ୍ଦୋଷ । ଠିକ୍ ତ ! ପରମାତ୍ମା ସର୍ବଦା ନିର୍ଦ୍ଦୋଷ । ତାଙ୍କର ସମସ୍ତ କର୍ମ ଦୋଷଶୂନ୍ୟ ହୋଇଥାଏ । ଶ୍ରୀକୃଷ୍ଣ ପରମାତ୍ମା । ତେଣୁ ସେ ନିର୍ଦ୍ଦୋଷ । ସେ କାହାକୁ ମାରନ୍ତି ନାହିଁ, ସେ ତ ସମସ୍ତଙ୍କୁ ତାରଣ କରନ୍ତି, ଉଦ୍ଧାର କରନ୍ତି, ମୁକ୍ତ କରିଦିଅନ୍ତି । ସେ ତ ସମସ୍ତଙ୍କୁ ଆନନ୍ଦ ଦିଅନ୍ତି । ସେ ପରା ଆନନ୍ଦଘନ ।

ଭାଗବତରେ କଂସର ରାଣୀମାନେ ଶ୍ରୀକୃଷ୍ଣଙ୍କୁ ନିର୍ଦ୍ଦୋଷ ବୋଲି କହିଥିଲେ, ଆଉ ସବୁ ଦୋଷ କଂସର ବୋଲି ସ୍ୱୀକାର କରିଥିଲେ ।

ଠିକ୍ ସେହିଭଳି ରାମାୟଣରେ ମନ୍ଦୋଦରୀ ଶ୍ରୀରାମଙ୍କୁ ନିର୍ଦ୍ଦୋଷ ବୋଲି



କହି ସମସ୍ତ ଦୋଷ ରାବଣର ବୋଲି ସ୍ୱୀକାର କରିଥିଲା । ରାବଣ ତା ନିଜ ପାପର ପରିଣାମରେ ମୃତ୍ୟୁ ପାଇଥିଲା ।

କୁବଳୟାପୀଡ଼ ହାତୀ ହେଉଛି ଦମ୍ଭ, ଦର୍ପ, ମଦ ଓ ମୋହର ପ୍ରତୀକ । ତାକୁ ଶ୍ରୀକୃଷ୍ଣ ମାରିଥିଲେ ।

ଚାଣୂର, ଅର୍ଥାତ୍ କାମ । ତାକୁ ପରବ୍ରହ୍ମ ମାରିଥିଲେ ।

ମୁଷ୍ଟିକ ହେଉଛି କ୍ରୋଧ । ତାକୁ ବଳରାମ ଅର୍ଥାତ୍ ଶବ୍ଦବ୍ରହ୍ମ, ନାଦବ୍ରହ୍ମ ମାରିଥିଲେ ।

ଶବ୍ଦବ୍ରହ୍ମ ମଲେ କ୍ରୋଧ ମରେ । ମୌନ ରହିଲେ କ୍ରୋଧ ହିନସ୍ତା କରିପାରେ ନାହିଁ ।

କଂସ ଅର୍ଥାତ୍ ଅଭିମାନ । ଅଭିମାନର ସାଥୀ ହେଉଛି ଦମ୍ଭ, ଦର୍ପ, ମଦ, ମୋହ, କାଉ ଆଉ କ୍ରୋଧ । ଦମ୍ଭ, ଦର୍ପ, ମଦ, ମୋହ, କାମ ଆଉ କ୍ରୋଧ ମଲେ ଅଭିମାନ ସ୍ୱତଃ ମରିଯାଏ ।

ଯେଉଁମାନେ ବିପୁଳ ସମ୍ପତ୍ତିର ଅଧିକାରୀ ହୋଇଥାନ୍ତି ସେମାନେ ଆହୁରି ଅଧିକ ସମ୍ପତ୍ତି ସଂଗ୍ରହ କରିବାରେ ଲାଗନ୍ତି । ସେମାନେ ହିଁ ଅଭିମାନୀ ହୋଇଥାନ୍ତି । ନୀତି ଓ ଅନୀତି ଉଭୟ ଉପାୟରେ ଧନଉପାର୍ଜନ କରି ମୌଜ ମଜଲିସରେ ରହିବା ପାଇଁ ତତ୍ପରତା ପ୍ରକାଶ କରୁଥିବା ଲୋକ ହିଁ କଂସ ହୋଇଥାଏ ।

କଂସ ଉଗ୍ରସେନଙ୍କୁ ବନ୍ଦୀକରି ରାଜା ହୋଇଥିଲା । ସେତେବେଳେ ଗୋଟିଏ କଂସ ଥିଲା । ଏବେ ତ ସଂସାରଯାକ କଂସରେ ପରିପୂର୍ଣ୍ଣ । ଯୁଆଡେ ଚାହିଁବା ସେ ଆଡେ କେବଳ କଂସକୁ ହିଁ ଦେଖିବା । ମଣିଷ ସବୁବେଳେ କାମ କ୍ରୋଧର ଆକ୍ରମଣରେ ପୀଡ଼ିତ ହେବାରେ ଲାଗିଛି । ଶବ୍ଦବ୍ରହ୍ମର ଉପାସନାରେ କ୍ରୋଧ ମରେ, ଆଉ ପରବ୍ରହ୍ମଙ୍କ ଉପାସନାରେ କାମର ମୃତ୍ୟୁ ହୁଏ । କଂସର ଉଦ୍ଧାର ହୋଇଗଲା । କାରଣ ଭଗବାନଙ୍କ ନାମ ନେଉ ନେଉ ମୃତ୍ୟୁ ହେଲେ ମଣିଷର ଉଦ୍ଧାର ହୋଇଯାଏ ।

ସମ୍ବନ୍ଧ ଘନିଷ୍ଠ ନ ହେଲେ ଶେଷ ସମୟରେ ନାମ ମନେପଡିବ ନାହିଁ । ତେଣୁ ଆମେ ଭଗବାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ରଖିଥିବା ଉଚିତ । ପରମାତ୍ମାଙ୍କର ଯେକୌଣସି ରୂପକୁ ଇଷ୍ଟଦେବ ରୂପେ ଗ୍ରହଣ କରି ତାଙ୍କୁ ହୃଦୟରେ ସ୍ଥାପନା କରିଦେବା ଉଚିତ । ଲୌକିକ ସ୍ନେହରେ ମଧ ସମ୍ବନ୍ଧିତ ହୋଇ ରହିବା ଆବଶ୍ୟକ । କେହି ଯଦି ବେମାର ପଡେ ତେବେ ତାର ସମ୍ବନ୍ଧିତ ଜଣାଶୁଣା ଲୋକହିଁ ତାକୁ ଦେଖିବାକୁ ଆସିଥାଏ । ସମ୍ବନ୍ଧ ସ୍ନେହକୁ ଜନ୍ମ ଦେଇଥାଏ । ଆମେ ଧନୀ ଲୋକଙ୍କ ସହିତ, ନେତା ଆଉ ମନ୍ତ୍ରୀଙ୍କ ସହିତ, ଅଫିସରଙ୍କ ସହିତ ଶୀଘ୍ର ସମ୍ବନ୍ଧ ଯୋଡିଦେଉ । କିନ୍ତୁ ଈଶ୍ୱରଙ୍କ ସହିତ ସମ୍ବନ୍ଧ ସ୍ଥାପନ କରୁନା । ମଣିଷର ପ୍ରକୃତ ସମ୍ବନ୍ଧୀ ହେଉଛନ୍ତି ଈଶ୍ୱର । ଶ୍ରୁତି ଅନୁସାରେ, ଏକ ପରମାତ୍ମାଙ୍କର ସ୍ୱରୂପ ହେଉଛି ଅନେକ ।

ଶ୍ରୀକୃଷ୍ଣ କଂସକୁ ମାରି ନ ଥିଲେ । ସେ କଂସକୁ ମୁକ୍ତି ପ୍ରଦାନ କରିଥିଲେ ।

ଶ୍ରୀକୃଷ୍ଣ କାରାଗାରକୁ ଆସିଲେ । ବନ୍ଧନ ଅବସ୍ଥାରେ ଦେବକୀ ବସୁଦେବଙ୍କୁ ଦେଖିଲେ । ସେବକମାନେ ଦେବକୀ ବସୁଦେବଙ୍କ ଲୌହ ଜଂଜିର ଛିଣ୍ଡାଇ ପାରିଲେ ନାହିଁ । ଶ୍ରୀକୃଷ୍ଣ ଦାନ୍ତରେ କାମୁଡି ଜଂଜିର ଛିଣ୍ଡାଇ ଦେବକୀ ବସୁଦେବଙ୍କୁ ମୁକ୍ତ କରିଦେଲେ । ସନ୍ତାନ ଓ ସମ୍ପତ୍ତି ହରାଇ ମଧ ଦେବକୀ ବସୁଦେବ ଭଗବାନଙ୍କୁ ସବୁବେଳେ ଧାନ କରୁଥିବାରୁ ଆଜି ମୁକ୍ତି ପାଇଲେ ।

ତନ୍ମୟତା, ତଲ୍ଲୀନତା ବିନା ସିଦ୍ଧି ମିଳେନାହିଁ । ଧାନ ବିନା ସାକ୍ଷାତକାର ହୋଇପାରେ ନାହିଁ । ବସୁଦେବ-ଦେବକୀ ଏଗାରବର୍ଷ ଧରି କଠୋର ତପସ୍ୟା କରିଥିବାରୁ ଆଜି କହ୍ନେଇଙ୍କୁ ପାଇଲେ । ଏତେଦିନ ପରେ ପୁଅକୁ ପାଇବାରୁ ସେମାନଙ୍କ ମନ ଭାବପ୍ରବଣ ହୋଇ ଉଠିଲା । ସେମାନେ ଅନେକ କଥା କହିବାକୁ ଚାହୁଁଥିଲେ, ହେଲେ ପ୍ରେମ ଓ ଆବେଗ ହେତୁ ଗୋଟିଏ ବୋଲି ପଦ କହି ନ ପାରି କେବଳ ବଲବଲ ହୋଇ କୃଷ୍ଣଙ୍କୁ ନିରୀକ୍ଷଣ କରିବାରେ ଲାଗିଥିଲେ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ପ୍ରେମରେ, ସନ୍ତୋଷରେ ନିରୀକ୍ଷଣ ହିଁ କରୁଥିଲେ । କିଛି ସମୟରେ ନୀରବତା ଭଙ୍ଗକରି ଶ୍ରୀକୃଷ୍ଣ କହିଲେ- 'ମାତୃଦେବୀ, ପିତୃଦେବ । ଚାରି ପୁରୁଷାର୍ଥ ସିଦ୍ଧ କରିପାରୁଥିବା ଏହି ମଣିଷ ଶରୀର ଆପଣମାନେ ମୋତେ ଦେଇଛନ୍ତି । ମୋର ଅପରାଧ କ୍ଷମାକରନ୍ତୁ । ଆଜିଠାରୁ ମୁଁ ଆପଣଙ୍କୁ କଦାପି ପାଖଛଡ଼ା କରିବି ନାହିଁ । ମୋର ଭୂମିଷ୍ଠ ପ୍ରଣାମ ସ୍ୱୀକାର କରନ୍ତୁ ।

କୃଷ୍ଣଚନ୍ଦ୍ରଙ୍କୁ ହାତୀ ଉପରେ ବସାଇ ନଗର ପରିକ୍ରମଣ କରାଗଲା । ଖୁବ୍ ସୁନ୍ଦର ଶୋଭାଯାତ୍ରା ବାହାରିଥିଲା । ବାଟରେ ନନ୍ଦବାବା ଏହା ଦେଖିଲେ । ସେ ମନେମନେ ଭାବିଲେ କହ୍ନେଇଙ୍କୁ ଏତେ ଲୋକ ଘେରି ଶୋଭାଯାତ୍ରାରେ ନେଉଛନ୍ତି, ହେଲେ ସେ କ'ଣ ଖାଉଛି, କ'ଣ ପିଉଛି, କେହି ନିଶ୍ଚୟ ବୁଝି ନ ଥିବେ । ସେ କୃଷ୍ଣଙ୍କୁ ଅଟକାଇଲେ । ଆଉ ଆକଟ କରି ନାଲିଆଖି ଦେଖାଇ ମିଶ୍ରି ଓ ଲହୁଣି ଖାଇବାକୁ ଦେଲେ । କୃଷ୍ଣଚନ୍ଦ୍ର ପ୍ରଥମେ ନାହିଁ ନାହିଁ କହୁଥିଲେ । ହେଲେ ନନ୍ଦଙ୍କର ନାଲି ଆଖି ଦେଖି ଡରିଗଲେ ବୋଧେ, ଚୁପ୍ ଚାପ୍ ସବୁ ଖାଇଦେଇ ହାତୀ ଉପରକୁ ପୁଣି ଚଢ଼ିଗଲେ ।

କଂସର ମୃତ୍ୟୁ ହୋଇଯିବାରୁ ମଥୁରା ରାଜ୍ୟ କୃଷ୍ଣଚନ୍ଦ୍ରଙ୍କ ହାତକୁ ଆସିଗଲା । କିନ୍ତୁ କୃଷ୍ଣଚନ୍ଦ୍ର ହେଉଛନ୍ତି ଆସକ୍ତି ଶୂନ୍ୟ ପୁରୁଷ । ସେ ନିଜେ ମଥୁରାର ରାଜା ନ ହୋଇ ଉଗ୍ରସେନଙ୍କ ହାତରେ ତାହା ସମର୍ପଣ କରିଦେଲେ ।

କଥା ଓ କାର୍ଯ୍ୟ, ଉପଦେଶ ଓ ଆଚରଣ ଏକା ଭଳି ନ ହେଲେ କଥାରେ ଶକ୍ତି ଆସେ ନାହିଁ । ଜ୍ଞାନକୁ କ୍ରିୟାତ୍ମକ ସ୍ୱରୂପ ଦେବା ଆବଶ୍ୟକ । ସୁନ୍ଦର ଅଟ୍ଟାଳିକାରେ ରହି ବିଳାସୀ ଜୀବନ ଅତିବାହିତ କରୁଥିବା ବ୍ୟକ୍ତି ବେଦାନ୍ତ ଚର୍ଚ୍ଚା କରିବା ପାଇଁ କେବେ ଅଧିକାର ପାଇପାରେ କି ? ଅଧିକ ପଠନ କରିବା ଅପେକ୍ଷା ଜୀବନରେ ସିଦ୍ଧାନ୍ତଗୁଡିକୁ ପ୍ରତିଫଳିତ କରିବା ଆବଶ୍ୟକ ଅଧିକ । ଶ୍ରୀକୃଷ୍ଣ ଯେଉଁ ଭଳି ଉପଦେଶ ଦେଉଥିଲେ ଠିକ୍ ସେହିଭଳି କାର୍ଯ୍ୟକରି ଦେଖାଉଥିଲେ । କୃଷ୍ଣଚନ୍ଦ୍ର ଗୀତାରେ ନିଷ୍କାମ କର୍ମର ଉପଦେଶ ଦେଇଥିଲେ । ଏହାର ଅନେକ ପୂର୍ବରୁ ସେ ଉଗ୍ରସେନଙ୍କୁ ମଥୁରା ରାଜ୍ୟ ସମର୍ପଣ କରି କାର୍ଯ୍ୟରେ ତାହା ଦେଖାଇ ଦେଇଥିଲେ । ଯୁଦ୍ଧଭୂମିରେ ଅନାସକ୍ତିର ଉପଦେଶ ଦେଇଥିଲେ କୃଷ୍ଣଚନ୍ଦ୍ର ଅର୍ଜୁନଙ୍କୁ । ପ୍ରକୃତରେ ସଂସାର ବାଧକ ନୁହେଁ । ସଂସାର ପ୍ରତି ଆସକ୍ତି ହେଉଛି ବାଧକ । କୃଷ୍ଣଚନ୍ଦ୍ର ମଥୁରା ରାଜ୍ୟ ସିଂହାସନ ସ୍ୱୀକାର କରନ୍ତୁ ବୋଲି ଲୋକମାନେ ତାଙ୍କୁ ଯେତେବେଳେ ବାଧ କଲେ, ସେତେବେଳେ କୃଷ୍ଣଚନ୍ଦ୍ର କହିଥିଲେ- ମୁଁ ରାଜ୍ୟ ପାଇଁ ନୁହେଁ, ଲୋକଙ୍କର ପୀଡ଼ା ଦୂର କରିବା ପାଇଁ କଂସକୁ ସଂହାର କରିଛି । କଂସର ପିତା ଉଗ୍ରସେନ ହିଁ ହେଉଛନ୍ତି ପ୍ରକୃତ ରାଜା । ମୁଁ ତ ହେଉଛି ଆପଣମାନଙ୍କ ସେବକ । ଉଗ୍ରସେନଙ୍କୁ ସିଂହାସନରେ ଅଭିଷିକ୍ତ କରାଇ କୃଷ୍ଣଚନ୍ଦ୍ର ତାଙ୍କୁ କହିଲେ- କଂସ ଭୟରେ ସଂଭ୍ରାନ୍ତ ଯାଦବମାନେ ମଥୁରା ଛାଡି ଅନ୍ୟ ରାଜ୍ୟକୁ ପଳାଇଥିଲେ । କୃଷ୍ଣଚନ୍ଦ୍ର ସେମାନଙ୍କର ଏକତ୍ରିକରଣ ଉଦ୍ଦେଶ୍ୟରେ ନିୟନ୍ତ୍ରଣକରି ମଥୁରାକୁ ଡକାଇ ଆଣିବା ପାଇଁ ରାଜା ଉଗ୍ରସେନଙ୍କୁ ପ୍ରଥମ ଉପଦେଶ ଦେଲେ । ଧର୍ମ ସଂସ୍ଥାପନା ନିମନ୍ତେ ଲୋକ ସଂଗ୍ରହ ପ୍ରଥମ କର୍ତ୍ତବ୍ୟ ପରା ।

ଇତ୍ୟବସରରେ ନନ୍ଦଙ୍କର ସହିତ ଗର୍ଗାଚାର୍ଯ୍ୟଙ୍କର ସାକ୍ଷାତ ହୋଇଯାଇଥିଲା । ଗର୍ଗାଚାର୍ଯ୍ୟ ନନ୍ଦଙ୍କୁ କହିଲେ କୃଷ୍ଣଚନ୍ଦ୍ର ହେଉଛନ୍ତି ବସୁଦେବ ଦେବକୀଙ୍କ ପୁତ୍ର, ଆପଣଙ୍କର ନୁହେଁ । ଯଶୋଦା ସେଦିନ ଝିଅଟିଏ ଜନମ ଦେଇଥିଲେ । କୃଷ୍ଣଚନ୍ଦ୍ର ଏବେ ଗୋକୁଳରେ ନୁହେଁ ମଥୁରାରେ ରହିବେ ।

# ଯାଚକ ନୁହେଁ, ଉପାସକ ହୁଅନ୍ତୁ

ଜଣେ ଶିଷ୍ୟର ଜୀବନକୁ ସଜାଡିବାରେ ଗୁରୁଙ୍କର ଭୂମିକା କୌଣସି ବଗିଚାର ସମ୍ପୂର୍ଣ୍ଣ ବିକାଶରେ ଥିବା ମାଳୀର ଭୂମିକା ସଦୃଶ ହୋଇଥାଏ । କୌଣସି ବୃକ୍ଷର ଚାରାକୁ କେତେବେଳେ ଓ କେତେ ପରିମାଣର ସାର ପାଣି ଦରକାର, ଏକଥା ଜଣେ ମାଳୀ ଭଲ ଭାବରେ ଜାଣିଥାଏ । ମାଳୀ ଗୋଟିଏ ଛୋଟ ଚାରାକୁ ଲଗାଏ, ତାକୁ ପାଣି ଦିଏ ଓ ପୋକଜୋକ, ପଶୁପକ୍ଷୀ, ରୋଗ ଆଦିରୁ ରକ୍ଷା କରେ । ତାପରେ ଯାଇ ଦିନେ ସେହି ଛୋଟ ଚାରାଟି ବୃକ୍ଷରେ ପରିଣତ ହୋଇ ଆକାଶକୁ ଛୁଇଁଥାଏ ।

ମାଳୀ ଯୋଗୁଁ ହିଁ ଦିନେ ସାରା ବଗିଚା ମହକି ଉଠେ । ସେହିପରି ଗୁରୁ ମଧ ଶିଷ୍ୟ ମଧ୍ୟରେ ଏକ ନୂତନ ଚେତନାକୁ ଜନ୍ମ ଦିଅନ୍ତି । ତା'ର ଚେତନାକୁ ସେ ନିଜର ଜ୍ଞାନାମୃତ ଦ୍ୱାରା ସିଞ୍ଚନ କରନ୍ତି । ତାପରେ ଦିନେ ସେହି ଶିଷ୍ୟ ନିଜ ଚେତନାର ଶିଖରକୁ ଛୁଇଁପାରେ ଓ ବ୍ରହ୍ମ ସାକ୍ଷାତକାର କରିପାରେ । ଦିନେ ଶିଷ୍ୟର ଜୀବନ ମଧ ବଗିଚା ପରି ମହକି ଉଠେ । ପରିଷ୍କୃତ ବ୍ୟକ୍ତିତ୍ୱକୁ ଉପଲବ୍ଧ କରିଥିବା ସେହି ଶିଷ୍ୟକୁ ଦେଖି ଜଣେ ଗୁରୁଙ୍କୁ କିପରି ଆନନ୍ଦାନୁଭୂତି ହେଉଥିବ ତାହାକୁ ଶବ୍ଦରେ ବଖାଣି ପାରିବା ସମ୍ଭବ ନୁହେଁ, କାରଣ ସେଠାରେ ଶବ୍ଦ ମଧ ନିଃଶବ୍ଦ ହୋଇଯାଏ ।

ସେହି ଶିଖର ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଜଣେ ଶିଷ୍ୟ ନିଜକୁ ସମ୍ପୂର୍ଣ୍ଣ ରୂପେ ନିଜ ଗୁରୁଙ୍କୁ ସମର୍ପଣ କରିବାକୁ ହୋଇଥାଏ, ମାଳୀକୁ ସମର୍ପଣ କରିବାକୁ ହୋଇଥାଏ ଏବଂ ନିଜର ଇଚ୍ଛାଗୁଡିକୁ କାମନାଗୁଡିକୁ ସର୍ବଥା ତ୍ୟାଗ କରିବାକୁ ହୋଇଥାଏ । ଅନ୍ୟ ଶବ୍ଦରେ କହିଲେ ଜଣେ ରୋଗୀ ଯେପରି ନିଜକୁ ସମ୍ପୂର୍ଣ୍ଣ ରୂପେ ଚିକିତ୍ସକଙ୍କୁ ସମର୍ପଣ କରିଦିଏ, ସେହିପରି ଜଣେ ଶିଷ୍ୟ ମଧ ନିଜକୁ ଗୁରୁଙ୍କୁ ସମର୍ପିତ ହୋଇଯାଏ, କାରଣ ଏପରି ହେଲେ ଗୁରୁ ଏକ କୁଶଳ ଚିକିତ୍ସକ ଭଳି ଶିଷ୍ୟର ଚେତନାରେ ନିଜ ଆଧ୍ୟାତ୍ମିକ ଉର୍ଜାରେ ସଞ୍ଚାର କରି ପାରନ୍ତି । ତା'ର ଚିତ୍ତବୃତ୍ତି ଗୁଡିକର କାରଣ ରୂପ ତା'ର କର୍ମ ସଂସ୍କାରଗୁଡିକର ସମୂଳ ନାଶ ପାଇଁ ବିନାଶ ପାଇଁ ମାର୍ଗ ପ୍ରଶସ୍ତ କରି ପାରନ୍ତି ।

ଯଦି ଚିକିତ୍ସକ ରୋଗୀର ଆବଶ୍ୟକ ଶଲ୍ୟକ୍ରିୟା ବା ଚିକିତ୍ସା କରିବା ପରିବର୍ତ୍ତେ ତା'ର ଇଚ୍ଛା ପୂର୍ତ୍ତି କରିବାରେ ଲାଗିଯିବେ, ତାକୁ ତା'ର ଇଚ୍ଛାନୁସାରେ ଖାଇବା ପିଇବାରେ କୋହଳ କରିଦେବେ ତାହେଲେ ରୋଗୀର ଉପଯୁକ୍ତ ଚିକିତ୍ସା ହୋଇ ପାରିବ ନାହିଁ ଓ ରୋଗୀ ରୋଗମୁକ୍ତ ହେବ ନାହିଁ । ରୋଗୀକୁ ରୋଗମୁକ୍ତ ହେବା ପାଇଁ ଚିକିତ୍ସକଙ୍କ ଅନୁସାରେ ଚାଲିବାକୁ ହେବ, ଚିକିତ୍ସକଙ୍କ ପରାମର୍ଶ ମାନିବାକୁ ହେବ, ସେହିପରି ଜଣେ ଶିଷ୍ୟକୁ ମଧ ନିଜ ଇଚ୍ଛାରେ ନୁହେଁ, ଗୁରୁଙ୍କ ଇଚ୍ଛାକୁ, ଈଶ୍ୱରଙ୍କ ଇଚ୍ଛାକୁ ହିଁ ନିଜର ଇଚ୍ଛା କରିବାକୁ ହୋଇଥାଏ । ଏପରି ହେଲେ ସେ ଚେତନାର ଶିଖରକୁ ଛୁଇଁପାରେ, ଅନ୍ୟଥା ନିଜ ଇଚ୍ଛାକୁ ବୋହି ବୁଲିବାର ଚକ୍କରରେ ସେ ଛୋଟ ହୋଇ ରହିଯାଏ, ସେ ବୀଜରୁ ବୃକ୍ଷ ହୋଇପାରେ ନାହିଁ । ପୁଣି ସେ ନିଜ ଜୀବନର ଶୀର୍ଷକୁ ଛୁଇଁପାରେ ନାହିଁ ଏବଂ କୌଣସି ମତେ ଚିରାଚରିତ ଜୀବନଯାପନ କରି ଦିନେ ସଂସାରକୁ ବିଦା ହୋଇଯାଏ ।

କହିବାକୁ ତ ଆମେ ନିଜକୁ ଗୁରୁଙ୍କର ସଚ୍ଚା ଶିଷ୍ୟ ମାନିଥାଉ, ଭଗବାନଙ୍କର ଭକ୍ତ ମାନିଥାଉ । ଆମେ ନିଜକୁ ଈଶ୍ୱରଙ୍କର, ଗୁରୁଙ୍କର ଉପାସକ ମାନିଥାଉ ଏବଂ ପ୍ରାୟ ଆମେ ଈଶ୍ୱର ଦର୍ଶନ ପାଇଁ ମନ୍ଦିରକୁ ଯାଇଥାଉ, ଆଶ୍ରମକୁ ଯାଇଥାଉ । ନିଜର ଆରାଧ, ନିଜର ଗୁରୁଙ୍କ ସହିତ ଆମେ ମଧ ମିଶିଥାଉ, କିନ୍ତୁ ସେଠାକୁ ଯାଇ ବି ଆମେ କ'ଣ ନିଜର ଆରାଧଙ୍କର, ନିଜର ଭଗବାନଙ୍କର, ନିଜ ଗୁରୁଙ୍କର ଦର୍ଶନ କରିପାରୁ ? ଆମେ କ'ଣ ପ୍ରକୃତରେ ନିଜ ଗୁରୁଙ୍କ ଦରବାରକୁ ଈଶ୍ୱରଙ୍କ ଦରବାରକୁ ଉପାସକ ହୋଇ ଯାଇପାରୁ ?

ବୋଧହୁଏ ନା ! କାହିଁକି ? କାରଣ ଗୁରୁଙ୍କ ସମୀପରେ ବସି, ଈଶ୍ୱରଙ୍କ ସମୀପରେ ବସି ମଧ ଆମେ ଉପାସନା ଠାରୁ ଦୂରେଇ ରହିଥାଉ । ତାଙ୍କ ପାଖରେ ଥାଇ ବି ଆମେ ତାଙ୍କ ଠାରୁ ଦୂରରେ ରହିଥାଉ, କାରଣ ଆମେ ସେଠାରେ ବି ନିଜର ତୁଚ୍ଛ ଇଚ୍ଛାଗୁଡିକର ଟୋକେଇକୁ ନିଜ ମୁଣ୍ଡ ଉପରେ ଲଦି ବୁଲିଥାଉ । ସେଠାରେ ଆମେ କାନ୍ଦୁ, ଅନୁନୟ ବିନୟ ହେଉ, ଅସଂଖ୍ୟ ଯାଚନା କରୁ, କିନ୍ତୁ ଈଶ୍ୱରଙ୍କ ସମୀପକୁ ଯିବାର ଗୁରୁଙ୍କ ସମୀପକୁ ଯିବାର, ତାଙ୍କ ପାଖରେ ବସିବାର ବାସ୍ତବିକ ଉଦ୍ଦେଶ୍ୟ ତ ଆମକୁ ଆମର ଗୁରୁ ହିଁ କହି ପାରନ୍ତି । ଆମର ଆରାଧ, ଆମର ଗୁରୁ ହିଁ ଆମକୁ କହିଥାନ୍ତି ଯେ ଉପାସନା ଯାଚନା ନୁହେଁ ଓ ଯାଚନା ଉପାସନା ନୁହେଁ । ଆମେ ଈଶ୍ୱରଙ୍କ ପାଖକୁ ଯିବା, ନିଜ ଗୁରୁଙ୍କ ପାଖକୁ ଯିବା, କିନ୍ତୁ ଯାଚକ ହୋଇ ନୁହେଁ, ଉପାସକ ହୋଇ ଯିବା, ଦର୍ଶକ ହୋଇ ନୁହେଁ, ଦ୍ରଷ୍ଟା ହୋଇ ଯିବା । ତାହେଲେ ତାଙ୍କ ପାଖକୁ ଯିବା, ତାଙ୍କ ପାଖରେ ବସିବା ସାର୍ଥକ ହୋଇ ପାରିବ ।

ସେହି ବିରାଟ ଈଶ୍ୱରଙ୍କ ପ୍ରତିମା ସମକ୍ଷରେ ଠିଆ ହୋଇ ସେହି ବ୍ରହ୍ମଜ୍ଞାନୀ ଗୁରୁଙ୍କ ସମକ୍ଷରେ ଠିଆ ହୋଇ ତାଙ୍କ ପାଖରେ ରହି, ତାଙ୍କ ନିକଟରେ ବସି ତାଙ୍କ ଠାରୁ ସ୍ୱୟଂକୁ ବନ୍ଧନରେ ବାନ୍ଧିବାର ଯାଚନା କାହିଁକି କରିବା ? ସେଠାରେ ତ ତାଙ୍କ ବିରାଟତାର ଅନୁଭୂତି କରିବା ଉଚିତ । ତାଙ୍କ ବିରାଟତାକୁ ନିଜ ଅନ୍ତର ଆକାଶରେ ଅବତରଣ କରିବାରେ ଦେଖିବା ଉଚିତ ।

ସେଠାରେ ଦେଖିବା ଉଚିତ ଯେ ଆମର ଆରାଧ, ଆମର ଭଗବାନ, ଆମର ଗୁରୁଙ୍କ ହୃଦୟାକାଶରେ ଯେପରି କୋଟି କୋଟି ସୂର୍ଯ୍ୟ, ଚନ୍ଦ୍ର ଓ ତାରା ଚକମକ କରୁଛନ୍ତି, ସେପରି କ'ଣ ଆମ ନିଜର ହୃଦୟାକାଶରେ ମଧ ଜ୍ଞାନ, ଭକ୍ତି, ବୈରାଗ୍ୟ ଆଦି ରୂପେ କୋଟି କୋଟି ସୂର୍ଯ୍ୟ, ଚନ୍ଦ୍ର ଓ ତାରା ଚମକୁଛନ୍ତି ? କ'ଣ ଆମ ଅନ୍ତରରେ ଅଜ୍ଞାନର ଅନ୍ଧକାର ସମାପ୍ତ ହେବାରେ ଲାଗିଲାଣି ? ଆକାଶରେ ସହସ୍ର ସୂର୍ଯ୍ୟ ଏକସଙ୍ଗେ ଉଦୟ ହେଲେ ଯେପରି ପ୍ରକାଶ ଉତ୍ପନ୍ନ ହେବ, ଯାହା କି ଆମର ବିଶ୍ୱରୂପ ପରମାତ୍ମାଙ୍କ ପ୍ରକାଶ ସଦୃଶ, ଆମର ଗୁରୁଙ୍କ ପ୍ରକାଶ ସଦୃଶ, ତାହାର ଅନୁଭୂତି କ'ଣ ଆମକୁ ହେଲାଣି- ଏହି ଅନୁଭୂତି ଆମେ ଉପାସନାରେ କରିବା ଦରକାର ।

ଦର୍ପଣରେ ଯେପରି ଆମେ ନିଜର ରୂପକୁ ଭଲ ଭାବରେ ଦେଖିପାରୁ, ସେହିପରି ଈଶ୍ୱରଙ୍କ ଗୁରୁଙ୍କ ପ୍ରତିମାରେ ଆମର ନିଜର ବାସ୍ତବିକ ସ୍ୱରୂପକୁ ଦେଖିପାରୁ । ନିଜର ସୋଽହମ, ଶିବୋଽହମ୍, ସଚ୍ଚିଦାନନ୍ଦୋଽହମ ରୂପକୁ ଦେଖିପାରୁ ଚାହିଁପାରୁ । ଏଣୁ ଉପାସନାରେ ଈଶ୍ୱରଙ୍କ ପାଖରେ ବସି ବା ଗୁରୁଙ୍କ ପାଖରେ ବସି ଆମେ ସ୍ୱୟଂ ସେପରି ହେବାକୁ ପଡିବ, ଯେପରି ସ୍ୱୟଂ ଆମର ଆରାଧ, ଭଗବାନ, ଗୁରୁ ଅଟନ୍ତି ।

ସେହି ବିରାଟ ବ୍ରହ୍ମସମୁଦ୍ର ପାଖରେ ଠିଆ ହୋଇ, ତାହା ନିକଟରେ ଥାଇ ତା' ଠାରୁ ବୁନ୍ଦାଏ, ଦୁଇ ବୁନ୍ଦା ଜଳ ପାଇବାର ଯାଚନା କ'ଣ କରିବା ? ସେହି ବିରାଟ ବ୍ରହ୍ମସମୁଦ୍ର ମଧକୁ ଯାଇ ବୁଡ଼ ପକାଇ, ତା ସହିତ ମିଶିଯାଇ ଆମେ ନିଜେ ହିଁ ବିନ୍ଦୁର ସିନ୍ଧୁ, ସରିତରୁ ସାଗର କାହିଁକି ହୋଇ ନ ଯିବା ? ଆମେ ସେହି ବ୍ରହ୍ମସମୁଦ୍ର ପାଖରେ ଥାଇ ନିଜର ଅନ୍ତରରେ ପ୍ରେମ, ପବିତ୍ରତା, କରୁଣା, ସମ୍ବେଦନା ଆଦି ଦିବ୍ୟ ଗୁଣ ଗୁଡିକର ରସଧାର କାହିଁକି ପ୍ରବାହିତ ନ କରିବା ? ନିଜ ଆତ୍ମାରେ ହିଁ ପରମାତ୍ମାଙ୍କ ସତ୍ ଚିତ୍- ଆନନ୍ଦ ସ୍ୱରୂପର ଅନୁଭୂତି କାହିଁକି ନ କରିବା ।

ବାସ୍ତବରେ ଈଶ୍ୱର ଦର୍ଶନର, ଗୁରୁ ଦର୍ଶନର ଈଶ୍ୱରଙ୍କ ପାଖରେ, ଗୁରୁଙ୍କ ପାଖରେ ବସିବାର ଏହା ହିଁ ବାସ୍ତବିକ ଫଳଶ୍ରୁତି ଅଟେ । ସମୁଦ୍ର ପାଖରେ ବସି ତାହାର ଗଭୀରତା, ତାହାର ବିରାଟତାର ଅନୁଭୂତି, ଗଙ୍ଗା ପାଖରେ ବସି ତାହାର ଶୀତଳତାର ଅନୁଭୂତି, ଈଶ୍ୱରଙ୍କ ପାଖରେ ବସି ଓ ଗୁରୁଙ୍କ ପାଖରେ ବସି ତାଙ୍କର ବ୍ରହ୍ମାନୁଭୂତି କରିବା ଉପାସନା । ଏହା ସଚ୍ଚା ଉପାସନା, ସଚ୍ଚା ଭକ୍ତି, ସଚ୍ଚା ସମର୍ପଣ, ସଚ୍ଚା ଯୋଗ, ଈଶ୍ୱର ଦର୍ଶନ ଅଟେ ଏବଂ ଆମେ ନିଜେ ତ ଈଶ୍ୱରଙ୍କର ଅଂଶ । ଆମେ ସ୍ୱୟଂ ସୁଖର ରାଶି, ତେଣୁ ଗୁରୁଙ୍କ ଠାରୁ, ଈଶ୍ୱରଙ୍କ ଠାରୁ ଯାଚନା କ'ଣ କରିବା । ନିଜର ଯାହା କିଛି ଅଛି, ତାହା ତାଙ୍କର ଅର୍ଥାତ୍ ପରମାତ୍ମାଙ୍କର ଏବଂ ତାଙ୍କର ଯାହା କିଛି ଅଛି, ତାହା ଆମର ।

ଆମେ ତ କେବଳ ଈଶ୍ୱରଙ୍କ ନିକଟରେ ବସି, ଗୁରୁଙ୍କ ସମୀପରେ ବସି ତାଙ୍କ ଈଶ୍ୱରୀୟ ବିରାଟତାକୁ ବାରମ୍ବାର ସ୍ମରଣ କରିବା । ତାଙ୍କର ଦିବ୍ୟ ଗୁଣଗୁଡିକୁ ବାରମ୍ବାର ସ୍ମରଣ କରିବା । ତାହେଲେ ଆମକୁ ନିଜ ବିରାଟତାର, ନିଜ ସତ୍ ଚିତ- ଆନନ୍ଦ ରୂପର ସ୍ମରଣ ହୋଇ ପାରିବ, ଯାହା ଆମେ ବିସ୍ମରଣ କରି ଦେଇଛେ, ତେଣୁ ସେହି ବିସ୍ମରଣର ବାରମ୍ବାର ସ୍ମରଣ ହିଁ ଉପାସନା ।

ଏପରି ଉପାସନା ଦ୍ୱାରା ଆମେ ସ୍ୱୟଂ ଈଶ୍ୱରମୟ ହୋଇ ପାରିବା । ଆମେ ସେହିପରି ହୋଇ ପାରିବା, ଯେପରି ଆମର ଆରାଧ, ଆମର ଗୁରୁ ଆମକୁ କରାଇବାକୁ ଚାହୁଁଛନ୍ତି । ଏମିତିରେ ଉପାସନାରେ ଈଶ୍ୱର ବା ଗୁରୁଙ୍କ ନିକଟରେ ବସି ସ୍ୱୟଂକୁ ମଧ ତାଙ୍କ ରଙ୍ଗରେ ରଙ୍ଗେଇବା ନାହିଁ କାହିଁକି ? ଈଶ୍ୱରଙ୍କ ବିରାଟତାର, ଈଶ୍ୱରଙ୍କ ଦିବ୍ୟତାର ବାରମ୍ବାର ସ୍ମରଣ କରି ଆମେ ସ୍ୱୟଂ କାହିଁକି ବିରାଟ ହୋଇ ନ ଯିବା, ଦିବ୍ୟ ହୋଇ ନ ଯିବା, ମାନବରୁ ମାଧବ ହୋଇ ନ ଯିବା ?

## ଆଜିର ଚିନ୍ତନ

ସନ୍ଥଙ୍କର ମୌନ ପ୍ରିୟ । ସେମାନେ ବହୁ ସମୟ ମୌନ ରହିବାକୁ ଚାହିଁଥାନ୍ତି । ବହୁତ କଥାବାର୍ତ୍ତା କରିବାକୁ ଇଚ୍ଛା କରନ୍ତି ନାହିଁ । ଲୌକିକ କଥା ସେମାନଙ୍କୁ ଭଲ ଲାଗେ ନାହିଁ । ଲୌକିକ କଥାରେ ଯେଉଁମାନଙ୍କୁ ମଜା ଆସେ, ବୁଝିବାକୁ ହେବ ସେମାନେ ଭଗବାନଙ୍କ ଠାରୁ ବହୁ ଦୂରରେ । ସନ୍ଥ ମୌନ ଭଙ୍ଗ କରି ଯେତେବେଳେ କିଛି କହନ୍ତି, ସେତେବେଳେ ଭଗବତ କଥା ହିଁ କହନ୍ତି । ବାରମ୍ବାର କୃଷ୍ଣ କଥା ଶୁଣିଲେ ଶ୍ରୋତାଙ୍କୁ କୃଷ୍ଣ ରଙ୍ଗ ଲାଗିଯାଏ । ଶ୍ରଦ୍ଧାର ସହ କୃଷ୍ଣ କଥା ଶୁଣିଲେ ଧୀରେ ଧୀରେ ସେହି ଶ୍ରଦ୍ଧା ଆସକ୍ତି ହୋଇଯାଏ । ଭଗବତ୍ ସ୍ୱରୂପରେ ଭଗବାନଙ୍କ ନାମରେ ଯେତେବେଳେ ଆସକ୍ତି ହୁଏ, ସେତେବେଳେ ଭକ୍ତିର ଆରମ୍ଭ ହୋଇଯାଏ । ଆସକ୍ତି ପୂର୍ବକ ଯେ ଭକ୍ତି କରନ୍ତି, ତାଙ୍କର ସେହି ଭକ୍ତିକୁ ପ୍ରେମ ଲକ୍ଷଣା ଭକ୍ତି କୁହାଯାଏ । ପ୍ରଭୁଙ୍କ ଠାରେ ପ୍ରେମ ହୋଇଗଲେ ସଂସାରର ସବୁ ପଦାର୍ଥ ତୁଚ୍ଛ ଲାଗେ । ଶ୍ରୀକୃଷ୍ଣଙ୍କ ଠାରେ ପ୍ରେମ ହେଲେ ସଂସାର ବାସନା ନାଶ ହୁଏ । ସାଧାରଣ ଧ୍ୟାନରେ, ସାଧାରଣ ଭକ୍ତିରେ ବାସନାର ବିନାଶ ହୁଏ ନାହିଁ । ବାସନାର ବିନାଶ ଘଟିଲେ, ଜୀବକୁ ଆନନ୍ଦର ଅନୁଭବ ହୋଇଥାଏ । ଧ୍ୟାନ କଲାବେଳେ ଭଗବାନଙ୍କ ଏକ ଏକ ଅଙ୍ଗ ଧ୍ୟାନ କର । କପିଳ କହୁଛନ୍ତି ମା' ଧ୍ୟାନରେ ଜୀବ ଯେତେବେଳେ ନିଜକୁ ମଧ ଭୁଲିଯାଏ, ଦେହକୁ ଭୁଲିଯାଏ, ଦେହ ସମ୍ବନ୍ଧ ଛୁଟିଯାଏ, ସେତେବେଳେ ବ୍ରହ୍ମ ସମ୍ବନ୍ଧ ହୋଇଯାଏ । ଯେ ପର୍ଯ୍ୟନ୍ତ ଆତ୍ମାର ସମ୍ବନ୍ଧ ଦେହ ସହିତ ରହିଥାଏ, ସେ ପର୍ଯ୍ୟନ୍ତ ଜୀବ ଦୁଃଖ ଭୋଗ କରେ । ଦେହ ସମ୍ବନ୍ଧ ତୁଟିଗଲେ, ଜୀବ ଈଶ୍ୱର ମିଳନ ହୋଇଥାଏ । ଅଂଶ ଜୀବ ମିଳିତ ହୁଏ । ଅଂଶୀ ଭଗବାନଙ୍କ ସହିତ ଅନେକ ଜନ୍ମରୁ ଏ ଜୀବ ସଂସାର କରି ଆସିଛି । ଏ ଜୀବ ଅନେକ ବାର ପତି ହୋଇଛି, ପତ୍ନୀ ହୋଇଛି । ପୂର୍ବ ଜନ୍ମର ପତି ବା ପତ୍ନୀ ଏ ଜନ୍ମରେ କେଉଁଠି ? ପୂର୍ବ ଜନ୍ମର ପୁତ୍ର ପୁତ୍ରୀ କେଉଁଠି ? ପଶୁପକ୍ଷୀଙ୍କର ମଧ ସଂସାର ରହିଛି । ପଶୁପକ୍ଷୀ ମଧ ଦୁଃଖ ଭୋଗ କରନ୍ତି । ମା, ଭୋଗରୁ କାହାକୁ ଶାନ୍ତି ମିଳେ ? ତ୍ୟାଗରେ ହିଁ ଶାନ୍ତି । ତେଣୁ ତ ତ୍ୟାଗପୂର୍ବକ ଭୋଗ କରିବା ପାଇଁ ଶାସ୍ତ୍ର କହନ୍ତି- 'ତେନ ତ୍ୟକ୍ତେନ ଭୁଞ୍ଜିଥା' । ମା, ଏସବୁ କଥା ମନକୁ ବୁଝାଅ । ଆତ୍ମା ଗୁରୁ ମନ ଶିଷ୍ୟ । ଆତ୍ମା ମନର ସମ୍ବାଦ ହିଁ ଗୁରୁ ଶିଷ୍ୟ ସମ୍ବାଦ । ଆତ୍ମାକୁ ବକ୍ତା ଓ ମନକୁ ଶ୍ରୋତା କରି ଦିଅ । ମନରୁ ହିଁ ବନ୍ଧନ । ମନରୁ ହିଁ ମୁକ୍ତି । ତେଣୁ ଗୀତାରେ କୁହାଯାଇଛି- ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ । କପିଳ ଗୀତା ସହିତ ଭଗବତ ଗୀତାର ଏ ବାଣୀ ମିଶି ଯାଇଛି । ଲୌକିକ ଦୃଷ୍ଟିରୁ ଦେଖିଲେ ଯେଉଁ ଚାବିରେ ତାଲା ବନ୍ଦ କରାଯାଏ ସେହି ଚାବିରେ ହିଁ ତାକୁ ଖୋଲାଯାଏ । ବନ୍ଦ କରିବା ଏବଂ ଖୋଲିବାରେ ପରସ୍ପର ବିରୋଧୀ କ୍ରିୟା । କିନ୍ତୁ ଏ ଦୁଇ ବିରୁଦ୍ଧ କାର୍ଯ୍ୟ ଗୋଟିଏ ଚାବିରେ ହିଁ ସମ୍ପନ୍ନ ହୁଏ । ମନ, କାମ ସୁଖରେ, ବିଷୟ ସୁଖରେ, ସଂସାର ସୁଖରେ ପଡିଗଲେ ବନ୍ଧନପ୍ରାପ୍ତ ହୁଏ । ମନ ନାରାୟଣଙ୍କୁ ପ୍ରେମ କଲେଏ ନାରାୟଣ ଭକ୍ତି କଲେ, ନାରାୟଣ ସ୍ମରଣ କଲେ, ନାରାୟଣ ଧ୍ୟାନ କଲେ ତାହା ନାରାୟଣାକାର ହୋଇଯାଏ ଏବଂ ବନ୍ଧନ ମୁକ୍ତ ହୋଇଯାଏ- ମୁକ୍ତି ମିଳେ ।

# ଧ୍ୟାନମୂଳଂ ଗୁରୋର୍ମୂର୍ତ୍ତିଃ

ଭାରତୀୟ ସଂସ୍କୃତିରେ ଗୁରୁଙ୍କର ବହୁତ ମହିମା ଗାନ କରାଯାଇଛି । ଗୁରୁଙ୍କ ସ୍ଥାନ ଈଶ୍ୱରତୁଲ୍ୟ ଓ ଈଶ୍ୱରଙ୍କ ଠାରୁ ବି ଊର୍ଦ୍ଧ୍ୱରେ ମନେ କରାଯାଇଛି । 'ଗୁ' ଶବ୍ଦର ଅର୍ଥ ଅନ୍ଧକାର ଓ 'ରୁ' ଶବ୍ଦର ଅର୍ଥ ପ୍ରକାଶ । ଅଜ୍ଞାନ ରୂପକ ଅନ୍ଧକାରକୁ ନଷ୍ଟ କରୁଥିବା ବ୍ରହ୍ମ ରୂପ ପ୍ରକାଶ ଗୁରୁ ଅଟନ୍ତି । ବେଦ, ପୁରାଣ, ଉପନିଷଦ୍, ଗୁରୁଗୀତା ଆଦି ଶାସ୍ତ୍ରରେ ଗୁରୁଙ୍କର ମହାନ୍ ମହିମା ଗାନ କରାଯାଇଛି ।

ପରମପୂଜ୍ୟ ଗୁରୁଦେବଙ୍କ ଭାବମୟ ମୂର୍ତ୍ତି ଧ୍ୟାନର ମୂଳ । ତାଙ୍କ ଚରଣକମଳ ପୂଜାର ମୂଳ । ତାଙ୍କ ଦ୍ୱାରା କୁହାଯାଇଥିବା ବାକ୍ୟ ହିଁ ମୂଳମନ୍ତ୍ର । ତାଙ୍କ କୃପା ହିଁ ମୋକ୍ଷର ମୂଳ । ଗୁରୁଦେବ ହିଁ ଆଦି ଓ ଅନାଦି । ସେ ହିଁ ପରମଦେବ । ତାଙ୍କ ଠାରୁ ବଳି ଅନ୍ୟ କିଛି ବି ନାହିଁ । ସେହି ଶ୍ରୀଗୁରୁଙ୍କୁ ନମନ । ସପ୍ତ ସାଗର ପର୍ଯ୍ୟନ୍ତ ଯେତେ ତୀର୍ଥ ଅଛି, ସେ ସବୁରେ ସ୍ନାନର ଫଳ ଗୁରୁଦେବଙ୍କ ପାଦ ପ୍ରକ୍ଷାଳନର ଜଳ ବିନ୍ଦୁର ସହସ୍ରାଂଶ ବି ନୁହେଁ । ଯଦି ଭଗବାନ ଶିବ ସ୍ୱୟଂ କ୍ରୋଧିତ ହୋଇଯାନ୍ତି ତ ଶ୍ରୀଗୁରୁଙ୍କ କୃପାରୁ ରକ୍ଷା ମିଳିଯାଏ, କିନ୍ତୁ ଯଦି ଗୁରୁ କ୍ରୋଧିତ ହୋଇଯାନ୍ତି ତ କେହି ବି ରକ୍ଷା କରିବାରେ ସମର୍ଥ ହୁଅନ୍ତି ନାହିଁ । ତେଣୁ ସବୁ ପ୍ରକାରେ କୃପାଳୁ ସଦଗୁରୁଙ୍କ ଶରଣକୁ ଯିବା ଉଚିତ । ବ୍ରହ୍ମା, ବିଷ୍ଣୁ ଓ ଶିବ ରୂପ ଏଇ ଯେଉଁ ଜଗତ, ତାହା ଗୁରୁଦେବଙ୍କର ହିଁ ସ୍ୱରୂପ । ଗୁରୁଦେବଙ୍କ ଠାରୁ ଅଧିକ ଅନ୍ୟ କିଛି ବି ନାହିଁ । ତେଣୁକରି ସବୁ ପ୍ରକାରେ ଗୁରୁଦେବଙ୍କ ଅର୍ଚ୍ଚନା କରିବା ଦରକାର ।

ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀଦାସ ମଧ ଗୁରୁଙ୍କ ମହିମାର ବଡ଼ ମଧୁର ଓ ସୁନ୍ଦର ଗାୟନ କରିଛନ୍ତି ଯେଉଁଥିରେ ସେ କହିଛନ୍ତି- ମୁଁ ସେହି ଗୁରୁ ମହାରାଜଙ୍କ ଚରଣକମଳର ବନ୍ଦନା କରୁଛି, ଯିଏ କୃପାର ସମୁଦ୍ର ଓ ନର ରୂପରେ ଶ୍ରୀହରି ହିଁ ଅଟନ୍ତି ଏବଂ ଯାହାଙ୍କ ବଚନ ମହାମୋହ ରୂପୀ ଘନ ଅନ୍ଧକାର ନାଶ କରିବା ପାଇଁ ସୂର୍ଯ୍ୟଙ୍କ କିରଣ ସମୂହ ଅଟେ । ମୁଁ ଗୁରୁ ମହାରାଜଙ୍କ ଚରଣକମଳର ରଜକୁ ବନ୍ଦନା କରୁଛି, ଯାହା ସୁରୁଚି, ସୁଗନ୍ଧ ତଥା ଅନୁରାଗ ରୂପ ରସରେ ପୂର୍ଣ୍ଣ । ସେ ଅମର ମୂଳର ସୁନ୍ଦର ଚୂର୍ଣ୍ଣ, ଯିଏ ସମ୍ପୂର୍ଣ୍ଣ ଭବରୋଗ ପରିବାରର ନାଶକାରୀ ଅଟନ୍ତି ।

ସେହି ରଜ ସୁକୃତି ରୂପୀ ଶିବଙ୍କ ଶରୀରରେ ସୁଶୋଭିତ ନିର୍ମଳ ବିଭୂତି ଏବଂ ସୁନ୍ଦର, କଲ୍ୟାଣ ଓ ଆନନ୍ଦର ଜନନୀ ତଥା ଭକ୍ତର ମନ ରୂପୀ ସୁନ୍ଦର ଦର୍ପଣର ମଇଳା ଦୂରକରିବା ବାଲା ଓ ତିଳକ କରିବା ଦ୍ୱାରା ଗୁଣଗୁଡିକର ସମୂହକୁ ବଶ କରିବା ବାଲା ଏବଂ ଗୁରୁ ମହାରାଜଙ୍କ ଚରଣର ଜ୍ୟୋତି ମଣିଗୁଡିକର ପ୍ରକାଶ ସମାନ, ଯାହାର ସ୍ମରଣ ମାତ୍ରକେ ଦିବ୍ୟଦୃଷ୍ଟି ଉତ୍ପନ୍ନ ହୋଇଯାଏ ।

ସେହି ପ୍ରକାଶ ଅଜ୍ଞାନ ରୂପୀ ଅନ୍ଧକାରର ନାଶକାରୀ । ତାହା ଯାହାର ହୃଦୟରେ ଆସିଯାଏ, ତା'ର ବଡ଼ ଭାଗ୍ୟ, କାରଣ ତାହା ହୃଦୟକୁ ଆସିବା ମାତ୍ରେ ହୃଦୟର ନିର୍ମଳ ନେତ୍ର ଖୋଲିଯାଏ ଓ ସଂସାର ରୂପୀ ରାତ୍ରିର ଦୁଃଖ ଦୋଷ ସମାପ୍ତ ହୋଇଯାଏ ଏବଂ ଶ୍ରୀରାମଚରିତ୍ର ରୂପୀ ମଣି ଓ ମାଣିକ୍ୟ,



ଗୁପ୍ତ ଓ ପ୍ରକଟ ରୂପେ ଯେଉଁଠି ଖଣିରେ ଅଛି ସେସବୁ ଦେଖାଯିବାରେ ଲାଗେ, ଠିକ୍ ଯେପରି ସିଦ୍ଧାଞ୍ଜନକୁ ନେତ୍ରରେ ଲଗାଇ ସାଧକ, ସିଦ୍ଧ ଓ ସଜ୍ଜନଗଣ ପର୍ବତ, ବନ ଓ ପୃଥିବୀ ମଧ୍ୟରେ ଥିବା ଅନେକ ଖଣିକୁ କୌତୁକରେ ଦେଖି ନିଅନ୍ତି ।

ନିଃସନ୍ଦେହ ଗୁରୁଙ୍କ ବିନା କେହି ଭବସାଗରକୁ ପାର କରି ପାରିବେ ନାହିଁ, ତେଣିକି ସେ ବ୍ରହ୍ମା ଓ ଶଙ୍କରଙ୍କ ସମାନ ହୁଅନ୍ତୁ ନା କାହିଁକି । ଏ ବିଷୟରେ ସନ୍ଥ କବୀର କହିଛନ୍ତି ସଦଗୁରୁ ମିଳିଯିବା କଥା ସେତେବେଳେ ଜାଣିବ ଯେତେବେଳେ ତୁମ ହୃଦୟରେ ଜ୍ଞାନର ପ୍ରକାଶ ଆସିଯିବ ଓ ଭ୍ରମର ଭେଦ ଖୋଲି ତୁମେ ନିଜର ଜ୍ଞାନ ସ୍ୱରୂପ ଜ୍ଞାନକୁ ପ୍ରାପ୍ତ ହୋଇଯିବ ।

ଏହିପରି ଆମେ ଦେଖିଥାଉ ଯେ ଗୁରୁଙ୍କ ମହିମା ଅପରମ୍ପାର । ଗୁରୁ ବ୍ରହ୍ମାଙ୍କ ରୂପେ ଶିଷ୍ୟ ମଧ୍ୟରେ ଏକ ଚେତନାକୁ ଜନ୍ମ ଦିଅନ୍ତି । ତା' ମଧ୍ୟରେ ଏକ ନୂତନ ଦୃଷ୍ଟି ନୂତନ ସୃଷ୍ଟିର ସୃଜନ କରନ୍ତି । ବିଷ୍ଣୁ ହୋଇ ସେ ଶିଷ୍ୟର ପାଳନ କରନ୍ତି । ଶିଷ୍ୟ ମଧ୍ୟରେ ସଦଗୁଣ ଓ ସଦଭାବର ପୋଷଣ କରନ୍ତି ଏବଂ ଶିବ ହୋଇ ଶିଷ୍ୟର ଦୁର୍ଗୁଣ ଓ ଦୋଷଗୁଡିକର ସଂହାର କରନ୍ତି । ତେଣୁକରି ପୂର୍ଣ୍ଣ ଶ୍ରଦ୍ଧାର ସହିତ ଯେଉଁ ଶିଷ୍ୟ, ଯେଉଁ ସାଧକ ନିଜ ଗୁରୁଙ୍କ ଶରଣକୁ ଯାଏ ତା' ଜୀବନରେ ଏକ ନୂତନ ସକାଳ ହୋଇଥାଏ । ତା' ଜୀବନରେ ସୌଭାଗ୍ୟର ସୂର୍ଯ୍ୟ ଚମକି ଉଠେ ।

ନିର୍ଜୀବ ବସ୍ତୁକୁ ଉପରକୁ ଫିଙ୍ଗିବା ପାଇଁ ଯେପରି ସଜୀବ ଆବଶ୍ୟକ, ସେହିପରି ନିଜର ବାସ୍ତବିକ ସ୍ୱରୂପ ସହିତ ଅପରିଚିତ ହେବା କାରଣରୁ ପଶୁତୁଲ୍ୟ ହୋଇଥିବା ମାନବକୁ ଦେବତ୍ୱ ଆଡ଼କୁ ନେଇଯିବା ପାଇଁ ଯେଉଁ ତେଜସ୍ୱୀ ବ୍ୟକ୍ତିତ୍ୱର ଆବଶ୍ୟକତା ରହିଛି ସେ ଗୁରୁ ହିଁ ଅଟନ୍ତି । ଗୁରୁ ହିଁ ଶିଷ୍ୟକୁ, ସାଧକକୁ ସାଧନାର ମାର୍ଗରେ ଅଗ୍ରସର କରାନ୍ତି । ସାଧକ ଏକ ଯାତ୍ରୀ ଭଳି ହୋଇଥାଏ କାରଣ ସାଧନା ମାଧ୍ୟମରେ ସେ ଅନ୍ତର୍ଜଗତର ଯାତ୍ରା କରିଥାଏ । ଏହି ଯାତ୍ରାରେ ତାକୁ ଅନେକ ଦୁର୍ଗମ ଘାଟି ଅତିକ୍ରମ କରିବାକୁ ପଡିଥାଏ । କେବେ ତା' ଭିତରେ କାମନାର ଘୂର୍ଣ୍ଣିଝଡ଼ ଉତ୍ପନ୍ନ ହୋଇଥାଏ ତ କେବେ ବାସନାର । କେବେ ତାକୁ ଲୋକ କଷ୍ଟ ଦିଏ ତ କେବେ ମୋହ । କେବେ ତାକୁ ସାଧନା ପୂର୍ଣ୍ଣ ନ ହେବାର ଭୟ ପୀଡ଼ା ଦିଏ ତ କେବେ ତାର ଆତ୍ମବଳ ଦୁର୍ବଳ ହୋଇଯାଏ ।

ଏପରି ସ୍ଥିତିରେ ଅନେକ ଶଙ୍କା ଆଶଙ୍କା କଳାମେଘ ସାଜି ତା' ମାର୍ଗରେ ଅନ୍ଧକାର ଆଣିଥାଏ । କେତେ ଥର ତ ତା' ନିଜର ବିଶ୍ୱାସ, ଆତ୍ମବିଶ୍ୱାସ, ଆତ୍ମବଳ ଦୁର୍ବଳ ହୋଇଯାଏ । ଏସବୁ ବାଧା ମଧ୍ୟରେ ଗୁରୁ ନିଜର ଶିଷ୍ୟକୁ, ସାଧକକୁ ସମ୍ଭାଳି ରଖନ୍ତି, ଥାମି ରଖନ୍ତି ଓ ପଦେ ପଦେ ତା' ସହିତ ପ୍ରେରଣା ସାଜି ଠିଆ ହୋଇଥାନ୍ତି । କେତେ ଥର ତା'ର ପାଦ ଟଳମଳ ହୋଇଯାଏ ଥରିଯାଏ କିନ୍ତୁ ତାକୁ ପୁଣି ଥରେ ସମ୍ଭାଳି ଉଠାଇ ତା'ର ଗୁରୁତାକୁ ପୁନଃ ତା'ର ମାର୍ଗରେ ଆଣି ଠିଆ କରି ଦିଅନ୍ତି ଏବଂ ଶେଷରେ ଗୁରୁକୃପା କାରଣରୁ ହିଁ ଶିଷ୍ୟ ବ୍ରହ୍ମପ୍ରାପ୍ତି, ଈଶ୍ୱର ପ୍ରାପ୍ତିର ନିଜର ମହାନ୍ ଲକ୍ଷ୍ୟକୁ ପାଇବାରେ ସଫଳ ହୋଇଯାଏ ।

ଗୁରୁ ନିଜ ଶିଷ୍ୟକୁ ଯାଚକ ନୁହେଁ, ଉପାସକ କରାଇଥାନ୍ତି । ସେ ତାକୁ କାମନା ପୂର୍ତ୍ତି ନୁହେଁ ମୁକ୍ତିର ମାର୍ଗ ଦେଖାନ୍ତି । ଭଲା ଶିଷ୍ୟ ପାଇଁ, ସାଧକ ପାଇଁ ଏତେ କୃପାଳୁ ଏତେ ଦୟାଳୁ ଗୁରୁଙ୍କ ବ୍ୟତୀତ ଆଉ କିଏ ଥାଇ ପାରେ ? ଗୁରୁ ତ ସାକ୍ଷାତ୍ କରୁଣାର ସାଗର, ଯାହାଙ୍କ ସକାଶେ ତାଙ୍କର ଶିଷ୍ୟ ହିଁ ସବୁ କିଛି, ଏହି କାରଣରୁ ନିଜ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କର ଯେଉଁ ସ୍ନେହ, ପ୍ରେମ ଜଣେ ଶିଷ୍ୟ ରୂପେ ଅର୍ଜୁନଙ୍କୁ ମିଳିଲା, ସେତିକି ସ୍ୱୟଂ ଦ୍ରୋଣାଚାର୍ଯ୍ୟଙ୍କ ପୁତ୍ର ଅଶ୍ୱତ୍ଥାମାକୁ ବି ମିଳି ପାରିଲା ନାହିଁ ।

ଯେଉଁ ଆଧାତ୍ମିକ ସମ୍ପଦକୁ ଗୁରୁ ନିଜର ଅନେକ ଜନ୍ମର ମହାନ୍ ସାଧନା ପରେ ପ୍ରାପ୍ତ କରିଥାନ୍ତି, ତାହାକୁ ମଧ ସେ ନିଜର ଯୋଗ୍ୟ ଶିଷ୍ୟକୁ ହର୍ଷିତ ହୋଇ ହସ୍ତଗତ କରାଇ ଦିଅନ୍ତି । ଏହି ଆଧାରରେ ମହାସମାଧି ନେବାର ତିନି ଚାରି ଦିନ ପୂର୍ବରୁ ଶ୍ରୀରାମକୃଷ୍ଣ ପରମହଂସ ନିଜର ଦିବ୍ୟ ଶକ୍ତି ନିଜ ପ୍ରିୟ ଶିଷ୍ୟ ନରେନ୍ଦ୍ରଙ୍କ ମଧ୍ୟରେ ପ୍ରବେଶ କରାଇ ଦେଇଥିଲେ ଏବଂ କହିଥିଲେ- 'ଏହି ଶକ୍ତି ବଳରେ ତୋ ଦ୍ୱାରା ମହାନ୍ କାର୍ଯ୍ୟ ହେବ ଓ ତାପରେ ତୁ ସ୍ୱଧାମକୁ ଫେରିବୁ ।

ଗୁରୁ ନିଜ ଶିଷ୍ୟର କଲ୍ୟାଣ ନିମନ୍ତେ କ'ଣ ବା ନ କରନ୍ତି ? ସେ ତ ନିଜର ଶିଷ୍ୟ ସକାଶେ ରୁଷ୍ଟ ହୋଇଥିବା ଈଶ୍ୱରଙ୍କୁ ମଧ ପ୍ରସନ୍ନ କରି ଦିଅନ୍ତି । ଏହି ସତ୍ୟକୁ ଦର୍ଶାଉଥିବା ଗୋଟିଏ ବହୁତ ସୁନ୍ଦର ଘଟଣାର ବର୍ଣ୍ଣନା ରାମଚରିତ ମାନସରେ ଗରୁଡ଼ ଓ କାକଭୁଶୁଣ୍ଡିଙ୍କ ମଧ୍ୟରେ ସମ୍ବାଦ ରୂପେ ହୋଇଛି ଯେଉଁଥିରେ କାକଭୁଶୁଣ୍ଡି ଗରୁଡ଼ଙ୍କୁ କହୁଛନ୍ତି ଯେ ଦିନେ ମୁଁ ଶିବଙ୍କ ମନ୍ଦିରରେ ଶିବନାମ ଜପ କରୁଥିଲି । ସେହି ସମୟରେ ମୋର ଗୁରୁଜି ସେଠାକୁ ଆସିଲେ, କିନ୍ତୁ ଅଭିମାନରେ ମୁଁ ଉଠି ତାଙ୍କୁ ପ୍ରଣାମ କଲି ନାହିଁ । ମୋର ଗୁରୁଜି ତ ଦୟାଳୁ ଥିଲେ । ସେଥିପାଇଁ ମୋର ଦୋଷ ଦେଖି ମଧ ସେ କିଛି କହିଲେ ନାହିଁ, ତାଙ୍କ ହୃଦୟରେ ମୋ ପ୍ରତି ଲେଶମାତ୍ର କ୍ରୋଧ ଆସିଲା ନାହିଁ । କିନ୍ତୁ ଗୁରୁଙ୍କ ଅପମାନ ତ ବହୁତ ବଡ଼ ପାପ, ତେଣୁ ମହାଦେବ ତାହା ସହି ପାରିଲେ ନାହିଁ ।

ସେହି ସମୟରେ ମନ୍ଦିରରେ ଆକାଶବାଣୀ ହେଲା ଆରେ ହତଭାଗ୍ୟ । ମୂର୍ଖ । ଅଭିମାନୀ । ଯଦ୍ୟପି ତୋର ଗୁରୁଙ୍କୁ କ୍ରୋଧ ଆସିଲା ନାହିଁ, ସେ ଅତ୍ୟନ୍ତ କୃପାଳୁ ଚିତ୍ତ ଯୁକ୍ତ ଓ ପୂର୍ଣ୍ଣ ତଥା ଯଥାର୍ଥ ଜ୍ଞାନ ତାଙ୍କର ଅଛି, ତଥାପି ହେ ମୂର୍ଖ ! ତତେ ମୁଁ ଶାପ ଦେବି, କାରଣ ନୀତିର ବିରୁଦ୍ଧ ମୋତେ ପସନ୍ଦ ନୁହେଁ । ମୁଁ ତତେ ଅବଶ୍ୟ ଦଣ୍ଡ ଦେବି । ଆରେ ପାପୀ ! ତୁ ନିଜ ଗୁରୁଙ୍କ ସାମନାରେ ଉଠି ଠିଆ ହେବା ପରିବର୍ତ୍ତେ ଅଜଗର ଭଳି ବସି ରହିଲୁ । ଏଣୁ ସର୍ପ ହୋଇଯା । ଏହିପରି ମୋ ପାଇଁ ଶିବଙ୍କର ଭୟାନକ ଶାପ ଶୁଣି ମୋର ଗୁରୁଜୀ ହାହାକାର କରିଦେଲେ ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଟିକିଏ ହସନ୍ତୁ

ବାପା : ରୁମରେ ଏତେ ଧୂଆଁ କ'ଣ ପାଇଁ ?
ପପୁ : ବାପା ସେ ତ ମଶା ପାଇଁ ଜଳେଇଛି ।
ବାପା : କିନ୍ତୁ ଇଏ ତ ସିଗାରେଟ୍ ଗନ୍ଧ ହେଉଛି ।
ପପୁ : ମଶା ଧୂପ ନ ଥିଲା । ସେଥିପାଇଁ ସିଗାରେଟ୍ ଜଳେଇ ଦେଲି । ସିଏ ବି ତ ଜୀବନ ନେଇଥାଏ ।

× × × ×

ସ୍ତ୍ରୀ : ତୁମେ କୌଣସି କାମ ଠିକ୍ କରି ପାରୁନାହଁ ।
ସ୍ୱାମୀ : ମୁଁ ଏମିତି କ'ଣ କଲି ?
ସ୍ତ୍ରୀ : ତୁମେ କାଲି ସିଲିଣ୍ଡର ଲଗେଇ ଥିଲ ।
ସ୍ୱାମୀ : ହଁ ଲଗେଇଥିଲି ।
ସ୍ତ୍ରୀ : କେଜାଣି କେମିତି ଲଗେଇଥିଲ । କାଲିଠାରୁ ଦୁଇଥର କ୍ଷୀର ଗରମ କଲିଣି ହେଲେ ଦୁଇଥର କ୍ଷୀର ଫାଟି ଯାଉଛି ।



× × ×

ପୁଅ : ଏବେ ମୁଁ ଫୋନ ରଖୁଛି । ଡ୍ରାଇଭର କରୁଛି ।
ଝିଅ : କ'ଣ ପାଇଁ ଡ୍ରାଇଭ କଲା ବେଳେ ଫୋନରେ କଥା ହେଇ ହେବନି ?
ପୁଅ : ଆରେ ପାଗଳ ଗୋଟେ ହାତରେ ରିକ୍ସା କେମିତି ବୁଲେଇବି ।

× × × ×

ସୋମୁ : ତୁ ରାତି କେତେଟାରେ ଶୋଉଛୁ ?
ମୋନୁ : ଯେତେବେଳେ ମୋ ଫୋନ ବ୍ୟାଟେରୀ ୫% ହେଇ ଯାଉଛି ।

× × × × × × ×

ପତି ଅଳ୍ପ କ୍ଷୀର ପିଇବା ପରେ : ଛି ଛି ଏ କି କ୍ଷୀର ?
ପତ୍ନୀ : ଏଇ ଶୁଣୁଛ । କେସର ସରି ଯାଇଥିଲା ତ ମୁଁ ତୁମ ପ୍ୟାକେଟରେ ଥିବା ବିମଳ ପାନ ମସଲା' କ୍ଷୀରରେ ପକାଇ ଦେଇଛି, କାହିଁକି ନା ଏଥିରେ ପରା ଲେଖା ଅଛି ଏହାର ଦାନା ଦାନାରେଦମ୍ ଭରି ରହିଛି ।

× × × × × ×

ଶ୍ରେଣୀରେ ଭୂଗୋଳ ସାର୍ ଗଙ୍ଗା ଉପରେ ଆଲୋଚନା କରୁଥିଲେ ।
ଶିକ୍ଷକ : କୁହ ତ ପିଲେ ଗଙ୍ଗା କେଉଁଠୁ ବାହାରି କେଉଁଠି ମିଶିଛି ।
ରମେଶ : ସାର ଗଙ୍ଗା ସ୍କୁଲ ଆସିବା ବାହାନାରେ ବାହାରୁଛି ଓ ମନ୍ଦିର ପଛପଟେ ଯାଇ ବୁଲୁ ସହ ମିଶୁଛି ।

ସ୍ତ୍ରୀ ଜ୍ୟୋତି

ବର୍ଷ ୨୫, ସଂଖ୍ୟା-୨୫, ୧୮ - ୨୪ ଜୁଲାଇ ୨୦୨୧

# କରୋନା ମହାମାରୀ ଅର୍ଥନୀତି ବିଗାଡି ଦେଲାଣି


କରୋନା ମହାମାରୀ ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରି ଦେଇଛି । ମହାମାରୀ କାହାକୁ କେଉଁଠି ପହଞ୍ଚାଇ ଦେଲାଣି ତାର ହିସାବ ନାହିଁ । ଜୀବିକା ହରାଇ ମଧ୍ୟବିତ୍ତ ଏବେ ଦୁର୍ଦ୍ଦିନରେ । ଆର୍ଥିକ ଅନଟନ ଯୋଗୁଁ ଲୋକଙ୍କ ଅବସ୍ଥା ଶୋଚନୀୟ ହୋଇପଡିଛି । ଦରବୃଦ୍ଧି ମଧ୍ୟରେ ସ୍ଥିତି ଆହୁରି ବିକୃତ ହୋଇଛି । ପେଟ୍ରୋଲ ଓ ଡିଜେଲର ଦର ଶହେ ଟଙ୍କା ଉପରେ ହେଲାଣି । ଖାଇବା ତେଲ ୨୦୦ ଛୁଇଁବାକୁ ବସିଲାଣି । ରନ୍ଧନ ଗ୍ୟାସ ୯୦୦ ପାଖାପାଖି ହେଲାଣି । ଯେଉଁ ଅତ୍ୟାବଶ୍ୟକ ସାମଗ୍ରୀରେ ହାତ ମାରିବ, ସେଠି ଦର ଆକାଶଛୁଆଁ । ବଜାର ଉପରେ ସରକାରଙ୍କ ନିୟନ୍ତ୍ରଣ ଥିବା ଭଳି ଜଣା ପଡୁନାହିଁ । ଗୋଟିଏ ପଟେ କରୋନା ଲକଡାଉନ୍ ପାଇଁ ଜୀବିକା ବିପର୍ଯ୍ୟସ୍ତ ହୋଇ ପଡିଥିବା ବେଳେ ଅନ୍ୟ ପଟେ ବଜାର ଦର ସାଧାରଣ ଜନତାଙ୍କୁ କଲବଲ କରୁଛି । ତାହା ସହିତ ବିଜୁଳି ଦର ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ହୋଇଛି ।

ଅପରପକ୍ଷେ କ୍ଷୁଧା ଏକ ବଡ଼ ସଙ୍କଟ ପାଲଟିଛି । ଦୁଇ ଓଳି ଖାଇବା ପାଇଁ କଷ୍ଟକର ହୋଇ ପଡୁଛି । ସହରାଞ୍ଚଳରେ କ୍ଷୁଧା ସଙ୍କଟ ତୀବ୍ରତର ହୋଇଛି । ବିଶ୍ୱରେ ରହିଥିବା ମୋଟ କୁପୋଷଣଯୁକ୍ତ ଲୋକଙ୍କ ମଧ୍ୟରେ ଭାରତର ଅଂଶ ଏକ ତୃତୀୟାଂଶ ଥିବାବେଳେ ମହାମାରୀ ସ୍ଥିତିକୁ ଆହୁରି ବିଗାଡି ଦେଲାଣି । ଲୋକେ ଖାଦ୍ୟ କମାଇବାକୁ ବାଧ୍ୟ ହେଉଥିବା ବେଳେ କୁପୋଷଣ ସମସ୍ୟା ଆଗକୁ ତୀବ୍ରତର ହେବାର ଆଶଙ୍କା ଦେଖା ଦେଲାଣି । ଦୈନିକ ୫ ଡଲାର ବା ୩୭୫ ଟଙ୍କାରୁ କମ୍ ଆୟ ବିଶିଷ୍ଟ ପରିବାରରେ ରହୁଥିବା ଲୋକଙ୍କ ସଂଖ୍ୟା ୨୦୨୦ ମାର୍ଚ୍ଚରେ ୨୯.୮୬ କୋଟି ଥିବାବେଳେ ଅକ୍ଟୋବର ସୁଦ୍ଧା ଏହି ୫୨.୯ କୋଟିକୁ ବୃଦ୍ଧି ପାଇଛି ।

ବର୍ଦ୍ଧିତ ଖାଦ୍ୟ ଦରକୁ ଆଖି ଆଗରେ ରଖି ସରକାର ଜାତୀୟ ଖାଦ୍ୟ ନିରାପତ୍ତା ଆଇନର ପରିସରକୁ ବ୍ୟାପକ କରିବା ଦରକାର ବୋଲି ଅର୍ଥନୀତିଜ୍ଞମାନେ ମତ ଦେଉଛନ୍ତି । ଫଳରେ ଅଧିକ ଲୋକ ସାଧାରଣ ବଣ୍ଟନ ବ୍ୟବସ୍ଥା ଅନ୍ତର୍ଗତ ଖାଦ୍ୟ ପାଇବାରୁ ସକ୍ଷମ ହେବେ ବୋଲି ଏମାନେ କହିଛନ୍ତି ।

# ଇଂରାଜୀ ଭାଷା

## ମହାତ୍ମା ଗାନ୍ଧୀ



ଇଂରାଜୀ ଭାଷାର କୌଣସି ଜ୍ଞାନ ନଥାଇ ମଧ୍ୟ ଭାରତୀୟ ମାନସର ଉଚ୍ଚତମ ବିକାଶ ଅବଶ୍ୟ ସମ୍ଭବ ହେବା ଉଚିତ ।


ଏହା ମୋ'ର ସୁବିଚାର ମତ ଯେ, ଯେଉଁଭଳି ମାର୍ଗରେ ଆମକୁ ଇଂରାଜୀ ଶିକ୍ଷା ଦିଆଯାଇଛି, ତାହା ଇଂରାଜୀ ଭାଷାରେ ଶିକ୍ଷିତ ଭାରତୀୟମାନଙ୍କୁ ପୁରୁଷତ୍ୱହୀନ କରି ଦେଇଛି, ଭାରତୀୟ ଛାତ୍ରର ସ୍ନାୟୁଶକ୍ତି ଉପରେ ଏହା ସାଂଘାତିକ ଚାପ ପକାଇଛି ଏବଂ ଆମକୁ ଗୋଟିଏ ଗୋଟିଏ ହନୁକରଣକାରୀରେ ପରିଣତ କରି ଦେଇଛି । ଅନୁବାଦକାରୀମାନଙ୍କର ଏକ ବାହିନୀକୁ ଉତ୍ପାଦନ କରି କୌଣସି ଦେଶ କଦାପି ଏକ ଜାତିରେ ପରିଣତ ହୋଇ ପାରିବ ନାହିଁ ।

ସର୍ବସ୍ୱୀକୃତ ଭାବରେ ବର୍ତ୍ତମାନ ଇଂରାଜୀ ହେଉଛି ସମଗ୍ର ପୃଥିବୀର ଭାଷା । ତେଣୁ, ମୁଁ ସେହି ଭାଷାକୁ ଏକ ଦ୍ୱିତୀୟ ବା ଐଚ୍ଛିକ ଭାଷାର ସ୍ଥାନ ଦେବି, ସ୍କୁଲସ୍ତରରେ ନୁହେଁ ବିଶ୍ୱବିଦ୍ୟାଳୟ ସ୍ତରର ପାଠରେ ତାହାକୁ ସେହି ସ୍ଥାନ ଦେବି । ତାହା କୋଟି କୋଟି ସାଧାରଣ ଲୋକଙ୍କର ନୁହେଁ, କେବଳ ନିର୍ବାଚିତ ଅଳପଙ୍କ ପାଇଁ ଉପଲବ୍ଧ ହୋଇ ରହିବ । ଆମର ମାନସିକ ଦାସତ୍ୱ ହିଁ ଆମେ ଇଂରାଜୀଭାଷାକୁ କଦାପି ଛାଡି ପାରିବୁ ନାହିଁ ବୋଲି ଅନୁଭବ କରିବାକୁ ପ୍ରବର୍ତ୍ତାଉଛି । ମୁଁ ସେହି ପରାଜୟବାଦୀ ବିଶ୍ୱାସଟିକୁ ଆଦୌ ସମର୍ଥନ କରି ପାରୁନାହିଁ ।

ମୁଁ ଇଂରାଜୀ ଭାଷା ଅଥବା ଏହାର ମହାନ୍ ସାହିତ୍ୟିକୁ ନିନ୍ଦା କରୁଛି ବୋଲି କେହି ଯେପରି ଭୁଲ୍ ନବୁଝନ୍ତି । ଇଂରାଜୀ ଭାଷାକୁ ଯେ ମୁଁ କେତେ ଭଲ ପାଏ 'ହରିଜନ' ପତ୍ରିକାର ସ୍ତମ୍ଭଗୁଡିକରୁ ତାହାର ଯଥେଷ୍ଟ ପ୍ରମାଣ ଅବଶ୍ୟ ମିଳି ଯାଉଥିବ । ମାତ୍ର, ଇଂଲଣ୍ଡର ଶୀତୋଷ୍ଣ ଜଳବାୟୁ ଅଥବା ମନୋହର ପ୍ରାକୃତିକ ଦୃଶ୍ୟ ଭାରତବର୍ଷର ଯେତିକି କାମରେ ଲାଗିପାରିବ, ଇଂରାଜୀ ସାହିତ୍ୟର ମହାନତା ଭାରତୀୟ ଜାତିର ହୁଏତ କେବଳ ସେତିକି କାମରେ ଲାଗିବ । ଭାରତବର୍ଷକୁ ନିଜ ଜଳବାୟୁ, ନିଜ ପ୍ରକୃତି ଏବଂ ନିଜ ସାହିତ୍ୟ ଦ୍ୱାରା ହିଁ ପୁଷ୍ଟ ହେବାକୁ ପଡିବ, ଏହି ତିନୋଟିଯାକ ଇଂଲଣ୍ଡର ଜଳବାୟୁ, ପ୍ରାକୃତିକ ଦୃଶ୍ୟାବଳୀ ଏବଂ ସାହିତ୍ୟର ତୁଳନାରେ ହୁଏତ ନିମ୍ନସ୍ତରର ହେଲେ ମଧ୍ୟ ସେଥିରେ ଆଦୌ କୌଣସି ପାର୍ଥକ୍ୟ ଘଟିବ ନାହିଁ । ଆମେ ତଥା ଆମର ପିଲାମାନେ ଆମ ନିଜ ଐତିହ୍ୟ ଉପରେ ହିଁ ଯାହାକିଛି ତିଆରି କରିବେ । ଯଦି ଆମେ ଆଉ କୌଣସିଟିକୁ ଧାର କରି ମାଗିଆଣିବା, ତେବେ ତଦ୍ୱାରା ଆମ ନିଜକୁ ହିଁ ଦରିଦ୍ର କରିଦେବା । ଆମେ କଦାପି ବିଦେଶୀ ଖାଦ୍ୟ ଖାଇ ଆପଣାର ପୁଷ୍ଟିସାଧନ କରି ପାରିବା ନାହିଁ । ସେହି ଭାଷାରେ ତଥା ପୃଥିବୀର ଅନ୍ୟାନ୍ୟ ଭାଷାରେ ରହିଥିବା ସମ୍ପଦଗୁଡିକୁ ମୋ' ଜାତି ନିଜ ଆଞ୍ଚଳିକ ଭାଷା ଗୁଡିକର ମାଧ୍ୟମରେ ଲାଭ କରୁ ବୋଲି ମୁଁ ଇଚ୍ଛା କରୁଛି । ରବୀନ୍ଦ୍ରନାଥଙ୍କର ଅତୁଳନୀୟ କୃତିଗୁଡିକୁ ଜାଣିବା ନିମନ୍ତେ ମୋ'ର ବଙ୍ଗଳା ଭାଷା ଶିଖିବା ଦରକାର ନାହିଁ । ତାହାକୁ ମୁଁ ଉତ୍ତମ ଅନୁବାଦଗୁଡିକର ମାଧ୍ୟମରେ ପାଇ ପାରିବି । ଟଲଷ୍ଟୟଙ୍କର କ୍ଷୁଦ୍ର ଗଳ୍ପଗୁଡିକର ସ୍ୱାଦ ଲାଭ କରିବାକୁ ଗୁଜରାଟୀ ପୁଅଝିଅମାନେ କାହିଁକି ରୁଷଭାଷା ଶଇକ୍ଷା କରିବେ ? ସେମାନେ ଉତ୍ତମ ଅନୁବାଦଗୁଡିକର ମାଧ୍ୟମରେ ସେଗୁଡିକ ସହିତ ପରିଚିତ ହେବେ । ଇଂରାଜୀମାନେ ଗର୍ବ କରି କହନ୍ତି ଯେ, ବିଶ୍ୱର ସର୍ବୋତ୍ତମ ସାହିତ୍ୟିକ ଅବଦାନଗୁଡିକ ସରଳ ଇଂରାଜୀ ଭାଷାରେ ସେହି ଦେଶର ଗୋଟିଏ ସପ୍ତାହ ମଧ୍ୟରେ ହିଁ ସେମାନଙ୍କ ପାଖରେ ଯାଇ ପହଞ୍ଚିଯାଏ । ସେକସପିଅର ବା ମିଲଟନ୍ ଯାହାକିଛି ଚିନ୍ତା କରିଛନ୍ତି ବା ଲେଖିଛନ୍ତି ସେଗୁଡିକ ମଧ୍ୟରୁ ସର୍ବୋତ୍ତମଗୁଡିକ ସହିତ ପରିଚିତ ହେବା ପାଇଁ ମୋ' ଲାଗି ଇଂରାଜୀ ଭାଷା ଶିକ୍ଷା କରିବା କାହିଁକି ଦରକାର ହେବ ?

# ଅନନ୍ୟ ଅନୁବାଦର ଅମଳିନ ସ୍ୱାକ୍ଷର

ଅନେକ ଦିନ ପରେ ଅନୁବାଦର ଏକ ଅନନ୍ୟ ନମୁନା ପଢ଼ିବାର ସୁଯୋଗ ପାଇଲି । ଭାବ ଓ ଭାଷା, ଉଭୟ ଦୃଷ୍ଟିରୁ ବହିଟି ପ୍ରଥମରୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଲା । ଏ ଅନୁବାଦ ସତରେ ନିଆରା । ଭାଷା ସରଳ ଓ ସାବଲୀଳ, ଶୈଳୀଟି ଖୁବ୍ ମନଛୁଆଁ । ସାମ୍ୟ, ମୈତ୍ରୀ ଆଉ ବିଶ୍ୱ ଭ୍ରାତୃତ୍ୱର ସ୍ୱପ୍ନ ଦେଖିଥିବା ବହୁମୁଖୀ ବ୍ୟକ୍ତିତ୍ୱ ସଫଦର ହାସମୀଙ୍କ ମୂଳ ହିନ୍ଦୀ ରଚନା ଦୁଇଟି ପଥପ୍ରାନ୍ତ ନାଟକ 'ହଲ୍ଲାବୋଲ' ଓ 'ହତ୍ୟାରେ' ସହ କେତୋଟି କବିତାର ଅନୁବାଦ କରିଛନ୍ତି ଆମ ସମୟର ଜଣେ ଆଗଧାଡିର ସ୍ତମ୍ଭକାର, ଲେଖକ ଓ ଅନୁବାଦକ ମୃଣାଳ । କେତେ ସୁନ୍ଦର ଭାବରେ, ନିଜ ବାଗରେ, ବଢ଼ିଆ ଭାଷାରେ ସେ ଅନୁବାଦ କରିଛନ୍ତି ତାହା ବହିଟି ପଢ଼ିଲାପରେ ଅନୁଭବ କରିହୁଏ ।




ସଫଦରଙ୍କ ନାଟକଗୁଡିକର ମୁଖ୍ୟ ସ୍ୱର ହେଲା- ସମାଜର ଅବହେଳିତ ଓ ଶୋଷିତ ବର୍ଗର ସମସ୍ୟା ବିରୋଧରେ ଶାଣିତ ସ୍ୱରଉତ୍ତୋଳନ । ଏ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଅବସରରେ ମୃଣାଳ ଯଥାର୍ଥରେ କହନ୍ତି- 'ସେ ନାହାନ୍ତି ସତ, ହେଲେ ତାଙ୍କ ସ୍ୱପ୍ନ ରହିଛି । ସ୍ୱପ୍ନର ମୃତ୍ୟୁ ନାହିଁ । ଗୋଟିଏ ଆଖିରୁ ତାହା ଅନ୍ୟ ଆଖିକୁ, ଗୋଟିଏ ହୃଦୟରୁ ତାହା ଅନ୍ୟ ହୃଦୟକୁ ପ୍ରସାରିତ ହୋଇଥାଏ ।'

ମୂଳ ରଚନା ଭଳି ଏ ଅନୁବାଦ ବି କିଭଳି ମନକୁ ଛୁଇଁଯାଏ କେତୋଟି ଉଦାହରଣ ଦିଆଯାଉ- 'ଆମେ ଡ୍ରାମା ଯେମିତି ହୁଏ, ସେମିତି କରିବୁ, ଏଇ ପ୍ୟାର୍, ମହବତ୍ ଡ୍ରାମା, ପ୍ରେମିକ ପ୍ରେମିକାର ଡ୍ରାମା' । (ହତ୍ୟାରେ) 'ମୁଠେ ଭାତପାଇଁ ଦିନରାତି ଯାକୁ ପରିଶ୍ରମ କରିବାକୁ ପଡ଼େ ସେ ଯେ କୌଣସି ଧର୍ମର ମଣିଷ ହେଉନା କାହିଁକି- ଆପଣଙ୍କ ଶତ୍ରୁ ହୋଇ ନ ପାରେ ।'(ହଲ୍ଲାବୋଲ) ସଫଦରଙ୍କ ଚରିତ୍ର ଉପଯୋଗୀ ସଂଳାପକୁ ଯଥାର୍ଥ ଭାବେ ଓଡିଆରେ ରୂପାନ୍ତର କରିଛନ୍ତି ମୃଣାଳ ।

**ପୁସ୍ତକ ସମୀକ୍ଷା: ଦେବାଶିଷ ମହାପାତ୍ର**
**ପୁସ୍ତକ: ସଫଦର ହାସମୀ: ଦୁଇ ପଥପ୍ରାନ୍ତ ନାଟକ-ହଲ୍ଲାବୋଲ, ହତ୍ୟାରେ ଓ ଆଉ କେତୋଟି କବିତା**
**ଅନୁବାଦ: ମୃଣାଳ**
**ପ୍ରକାଶକ: ଶେଫାଳୀ କମ୍ୟୁନିକେସନ୍ସ, ଢେଙ୍କାନାଳ**
**ପୃଷ୍ଠା: ୮୪ । ମୂଲ୍ୟ: ୧୦୦ ଟଙ୍କା**

କବିତା ବିଭାଗରେ ନୂଆ କଥାଟେ ଲକ୍ଷ୍ୟ କରାଯାଇ ପାରେ । ମୂଳ ହିନ୍ଦୀ ଅବିକଳ ଦିଆଯାଇଛି । ତା' ପାଖରେ ଅଛି ଅନୂଦିତ କବିତା । ପ୍ରଥମ କବିତା: 'ସ୍ୱାଧୀନତା'

'ଲାଲକିଲ୍ଲା ଆଖି ପାଖରେ ବସିଛି
ସ୍ୱାଧୀନତାର ମେଳା
ସବୁଠୁ ଉପରେ ନାଚୁଛି ଏକୁଟିଆ ତ୍ରିରଙ୍ଗା ।'

ସେମିତି ଆଉ ଗାଟେ ପଦ ଦେଖନ୍ତୁ-

'ବହି କିଛି କହିବାକୁ ଚାହେଁ
ବହି ତମ ପାଖରେ ରହିବାକୁ ଚାହେଁ'

ବହିଟି ବହୁ ଦୃଷ୍ଟିରୁ ଭିଡ଼ ଭିତରୁ ବାରି ହେବା ଭଳି ବହିଟିଏ । ଏଥିରେ ନାଟକ ଅଛି, କବିତା ଅଛି । ଅଛି ବି ଉଦୟ ପ୍ରକାଶଙ୍କ ସଫଦରଙ୍କୁ ଶ୍ରଦ୍ଧାଞ୍ଜଳି କବିତା । ଏ କବିତାର ଧାଡି ଗୁଡିକ ବି ଖୁବ୍ ହୃଦୟସ୍ପର୍ଶୀ-

'ହଁ, ସେମାନଙ୍କୁ ଖାଜ ନିଶ୍ଚୟ
ସବୁ ଚେହେରାକୁ ଭଲ ଭାବେ ଦେଖ
ହେଲେ ତାଙ୍କ ପାଇଁ କାନ୍ଦନାହିଁ
କାନ୍ଦିକି ସେମାନଙ୍କୁ ହଜେଇ ଦିଅନାହିଁ
ସେ ଏଇଠି କେଉଁଠି ଅଛନ୍ତି
ସେ ଏଇଠି କେଉଁଠି ଅଛନ୍ତ ।'

ମୂଳ ହିନ୍ଦୀକୁ ସଫଳତାର ସହ ଓଡିଆ ରୂପାନ୍ତର କରିଛନ୍ତି ଅନନ୍ୟ ଅନୁବାଦକ ମୃଣାଳ । ଜିତେନ୍ଦ୍ର ପତିଙ୍କ ପ୍ରଚ୍ଛଦ ବି ଚମତ୍କାର ।

ଏତିକି କୁହାଯାଇ ପାରେ, ସାମଗ୍ରିକ ଭାବେ ଏ ବହିଟି ଅନନ୍ୟ ଅନୁବାଦର ଅମଳିନ ସ୍ୱାକ୍ଷର ।

**ସମୀକ୍ଷକ ଭୁବନେଶ୍ୱରସ୍ଥିତ ପୂର୍ବାଞ୍ଚଳ ଭାଷାକେନ୍ଦ୍ରରେ ଭାଷା ପ୍ରଶିକ୍ଷକ ଅଛନ୍ତି ।**
**ଲକ୍ଷ୍ମୀସାଗର, ଭୁବନେଶ୍ୱର ୭୫୧୦୦୬**

# ୨୨ ମିନିଟ୍ ଚାଲି ସୁସ୍ଥ ରୁହନ୍ତୁ

ବିଶେଷଜ୍ଞମାନେ ନିୟମିତ ଭାବେ ପ୍ରତ୍ୟେକ ବର୍ଗର ଲୋକଙ୍କୁ ଚାଲିବାକୁ ପରାମର୍ଶ ଦେଇଥାନ୍ତି । ଏହା ସୁସ୍ଥତାର ପ୍ରମୁଖ ରହସ୍ୟ ବୋଲି ବିଭିନ୍ନ ପରୀକ୍ଷାରୁ ଜଣାପଡିଛି । ଏକ ନିକଟରେ କାନାଡ଼ାର ଗବେଷକ ଦଳ ସ୍ପଷ୍ଟ କରିଛନ୍ତି ଯେ ଦୈନିକ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଅତିକମ୍‌ରେ ୨୨ ମିନିଟ୍ ଚାଲିଲେ ସେମାନେ ସୁସ୍ଥ ରହିପାରିବେ । ପ୍ରତ୍ୟହ ୩୦-୪୦ ମିନିଟ୍ ଚାଲିଲେ ହୃଦଘାତର ଆଶଙ୍କା ମଧ୍ୟ କମ୍ ହୋଇଥାଏ ବୋଲି ବିଶେଷଜ୍ଞଙ୍କ ମତ । ଅବସାଦଗ୍ରସ୍ତ ରୋଗୀ ଓ ମଧୁମେହ ରୋଗୀ ସକାଳବେଳା ଚାଲିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଔଷଧ ଭଳି କାମ କରିଥାଏ ବୋଲି ଜଣାପଡିଛି ।

ନିୟମିତ ଭାବେ ୧ ଘଣ୍ଟ ଚାଲିଲେ ମେଦବହୁଳତାର ଆଶଙ୍କା କମ୍ ହେବା ସହ ଓଜନ ମଧ୍ୟ ନିୟନ୍ତ୍ରଣ ରହେ ।

ନିୟମିତ ଚାଲିବାକୁ ଆଦୌ ହେୟ ଜ୍ଞାନ କରନ୍ତୁ ନାହିଁ । ଏହା ଏକ ଦୈନନ୍ଦିନ କାର୍ଯ୍ୟ ଭାବି ଅନୁସରଣ କରିବା ଉଚିତ ।

# ଔଷଧୀୟ ଗୁଣରେ ଭରପୁର ମୁଗ

ମୁଗ ଏକ ଡାଲି ଜାତୀୟ ଖାଦ୍ୟ । ମୁଗ ଠାରୁ ଅଧିକ ଭିଟାମିନ୍ ଗଜାମୁଗରେ ରହିଛି । କଳା ମୁଗ ଓ ସବୁଜ ମୁଗ ପରି ଦୁଇ ପ୍ରକାର ମୁଗ ରହିଛି । ଏଥିରେ ପ୍ରୋଟିନ୍, ଫାଇବର, ଆଣ୍ଟିଅକ୍ସିଡାଣ୍ଟ, ମାଙ୍ଗାନିଜ, ପୋଟାସିୟମ୍ ଓ ଭିଟାମିନ୍ -ବି ରହିଛି ।

**ତ୍ୱଚାକୁ ଉଜ୍ଜ୍ୱଳ କରେ :** ସବୁଜ ମୁଗ ଡାଲି ତ୍ୱଚା ପାଇଁ ଖୁବ୍ ଲାଭଦାୟକ । ମୁଗ ଡାଲି ଖାଇଲେ ତ୍ୱଚା ଶୁଷ୍କତା, ଦାଗ, ଚିହ୍ନ, ବ୍ରଣ ଆଦି ଦୂର ହୋଇଥାଏ । ଆଣ୍ଟି ଏଜିଂକୁ କମ୍ କରିବାକୁ ଚାହୁଁଥିଲେ ନିୟମିତ ଗଜାମୁଗ ଖାଆନ୍ତୁ ।

**କେଶକୁ ଘନ କରେ :** ମୁଗରେ କପର ଥିବାରୁ ଏହା କେଶକୁ ମଜଭୁତ କରିଥାଏ । କପର ଆମ ଶରୀରରେ ଲୌହ, କ୍ୟାଲସିୟମ୍ ଓ ମ୍ୟାଗ୍ନେସିୟମ ମାତ୍ରାକୁ ପୂରଣ କରିଥାଏ । ତେଣୁ ନିୟମିତ ମୁଗ ଡାଲି ଖାଇଲେ କେଶ ଘନ ଓ ଲମ୍ବା ହୋଇଥାଏ ।



**ମେଟାବଲିଜିମ୍ :** ଅନେକ ବ୍ୟକ୍ତି ଛାତିରେ ଜ୍ୱଳନ ରୋଗର ଶିକାର ହୋଇଥାନ୍ତି । ମୁଗ ଡାଲିରେ ଫାଇବର ରହିଥାଏ । ଯାହାକି ପାଚନ କ୍ରିୟାକୁ ଉତ୍ତମ ରଖିଥାଏ ଓ ମେଟାବଲିଜମ୍ ସ୍ତରକୁ ବୃଦ୍ଧି କରିଥାଏ । ଫାଇବର ବଦହଜମିକୁ ଦୂର କରିଥାଏ । ଯଦ୍ୱାରା ଛାତି ଜ୍ୱଳନ ଦୂର ହୋଇଥାଏ ।

**ଉତ୍ତମ କୋଲେଷ୍ଟ୍ରଲ :** ମୁଗ ଡାଲି ମେଟାବଲିଜମ୍ ସ୍ତରକୁ ବୃଦ୍ଧି କରିଥାଏ । ପାଚନ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିବା ସହିତ ଖରାପ କୋଲେଷ୍ଟ୍ରଲକୁ ବଢ଼ିବାକୁ ଦିଏ ନାହିଁ । ଧମନୀ ଓ କୋଷିକାରେ ଜମା ହୋଇଥିବା କୋଲେଷ୍ଟ୍ରଲ କମ୍ ହୋଇଥାଏ । ଫଳରେ ହୃଦରୋଗ ଆଶଙ୍କାକୁ କମ୍ କରିଥାଏ ।

**ରକ୍ତ ଚାପ ନିୟନ୍ତ୍ରଣ :** ଏଥିରେ ମ୍ୟାଗ୍ନେସିୟମ ଥିବାରୁ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ ।

**ଦୃଷ୍ଟିଶକ୍ତି ବୃଦ୍ଧି :** ଗଜା ମୁଗ ଓ ମୁଗ ଡାଲି ଆଖି ପାଇଁ ଖୁବ୍ ଭଲ ଏଥିରେ ଭିଟାମିନ୍ ବି-୬, ଭିଟାମିନ୍ ବି-୫ ରହିଛି । ତେବେ ଏଥିରେ ଥିବା ଭିଟାମିନ୍ ସି ଆଖିର ରେଟିନାକୁ ସୁସ୍ଥ ରଖିଥାଏ ।

**ସ୍ମୃତି ଶକ୍ତି ବୃଦ୍ଧି :** ମୁଗ ଡାଲିରେ ଆଇରନ ଥିବାହେତୁ ପିଲାଙ୍କ ସ୍ମୃତି ଶକ୍ତିକୁ ବୃଦ୍ଧିରେ ସହାୟକ ହୋଇଥାଏ । ତେଣୁ ନିୟମିତ ପିଲାମାନେ ଗଜାମୁଗ ଖାଇବା ଭଲ ।

**ଅସ୍ଥି ମଜଭୁତ :** ମୁଗଡାଲି ଶରୀରର କ୍ୟାଲସିୟମର ଆବଶ୍ୟକତାକୁ ପୂରଣ କରିବା ସହିତ ଅସ୍ଥିକୁ ସୁସ୍ଥ ରଖିଥାଏ । ହାଡ଼କୁ ଯୋଡିବାରେ ସହାୟକ ହୋଇଥାଏ । ମୁଗ ଡାଲିରେ ପ୍ରଚୁର କ୍ୟାଲସିୟମ ରହିଛି ଯାହାକି ଅସ୍ଥି ନିର୍ମାଣରେ ସାହାଯ୍ୟ କରିଥାଏ ।

**ଗର୍ଭବତୀଙ୍କ ପାଇଁ :** ଗର୍ଭବତୀ ମହିଳାଙ୍କ ପାଚନ କ୍ରିୟାକୁ ଉତ୍ତମ ରଖିଥାଏ ମୁଗଡାଲି । ଗ୍ୟାସ୍ ମଧ ହେବାକୁ ଦିଏ ନାହିଁ ଏଥି ସହିତ ଗର୍ଭାବସ୍ଥାରେ କୋଷ୍ଠକାଠିନ୍ୟ ସମସ୍ୟାର ଦୂର କରେ ।


# ଏସିଡିଟି ଦୂର କରେ ଘିକୁଆଁରୀ

ଏସିଡିଟିକୁ ବହୁ ବ୍ୟକ୍ତି ହେୟଜ୍ଞାନ କରି ଏଣୁ ତେଣୁ ଔଷଧ ଖାଇ ଦେଇଥାନ୍ତି । କିନ୍ତୁ ଏମିତି ବାରମ୍ବାର କରିବା ଫଳରେ ନିଜ ଜୀବନ ସହିତ ଖେଳିବା ଛଡ଼ା ଅନ୍ୟ କିଛି ନୁହେଁ । ଏହା ଗ୍ୟାଷ୍ଟ୍ରୋଇସୋଫେଗଲ୍ ଡିଜିଜ୍ (ଜିଇଆରଡି) ରୋଗର ରୂପ ନେଇଥାଏ । ଫଳରେ ଖାଦ୍ୟ ପାଚନ ଠିକ୍ ଭାବରେ ହୋଇ ନ ଥାଏ । ଛାତିରେ ଜ୍ୱଳନ ହୋଇଥାଏ । ଏହାର ସଠିକ୍ ଭାବରେ ଚିକିତ୍ସା ନ କଲେ ଏହି ସମସ୍ୟା ବଢ଼ିଯାଇଥାଏ । ଏସିଡିଟିରୁ ମୁକ୍ତି ପାଇଁ ଘରୋଇ ଚିକିତ୍ସା କରିବା ଜରୁରୀ ।

**ଘରୋଇ ଉପଚାର :**

**ସେଓ ସିର୍କା :** ୧ ଚାମଚ ସେଓ ସିର୍କା ଓ ୧ ୧ ଚାମଚ ମହୁକୁ ଅଧା ଗ୍ଲାସ ପାଣିରେ ମିଶାଇ ପିଅନ୍ତୁ ।

**କ୍ଷୀର :** ରାତିରେ ଶୋଇବା ପୂର୍ବରୁ ବିନା ଚିନିରେ ୧ ଗ୍ଲାସ କ୍ଷୀର ନିୟମିତ ପିଅନ୍ତୁ ।



**ସୋରିଷ ଗୁଣ୍ଡ :** ଲସିରେ ଚିମୁଟାଏ ସୋରିଷ ପାଉଡ଼ର ପକାଇ ପିଅନ୍ତୁ ।

**ଏଲୋଭେରା ଜୁସ୍ :** ଖାଦ୍ୟ ଖାଇବାର ଅଧଘଣ୍ଟା ପୂର୍ବରୁ ଘିକୁଆଁରୀ ଜୁସ୍ ପିଅନ୍ତୁ ।

**ସେଓ :** ପ୍ରତିଦିନ ଗୋଟିଏ ସେଓ ନିଶ୍ଚୟ ଖାଆନ୍ତୁ, ଏହା ଛାତି ଜ୍ୱଳନରୁ ଆରାମ ଦେଇଥାଏ ।

**କାରଣ :** ନିୟମିତ ସଠିକ୍ ସମୟରେ ଖାଦ୍ୟ ନ ଖାଇବା, ମୋଟାପଣ ବା ମେଦ ବୃଦ୍ଧି, ପେଟରେ ଚାପ ପଡିବା, ଖାଦ୍ୟ ଖାଇବା ତୁରନ୍ତ ପରେ ଶୋଇଯିବା, ମସଲାଯୁକ୍ତ ଖାଦ୍ୟ ଖାଇବା, ଖଟା ଫଳ ନିୟମିତ ଖାଇବା, ଚାପ, ଅଧିକ ଔଷଧ ସେବନ ଏସିଡିଟିର ମୁଖ୍ୟ କାରଣ ।


# ଉପକାରୀ କନ୍ଦମୂଳ

ଶୀତଦିନେ କନ୍ଦମୂଳ ସେବନ ଶରୀର ପାଇଁ ବେଶ୍ ଲାଭଦାୟକ କାରଣ ଏହା ଶରୀରକୁ ଉଷୁମ ରଖିଥାଏ । କନ୍ଦମୂଳରେ ଫାଇବର୍, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ଏବଂ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଶରୀରକୁ ଗମ୍ଭୀର ରୋଗରୁ ରକ୍ଷା କରିବାରେ ସାହାଯ୍ୟ କରେ ।

**ଡାଏବିଟିସ୍ :** ଯଦି ଆପଣ ଡାଏବିଟିସ୍‌ରେ ପୀଡ଼ିତ, ତେବେ କନ୍ଦମୂଳର ସେବନ ରହିବ । ଏଥିରେ ଲୋ କାର୍ବୋହାଇଡ୍ରେଟ ଥାଏ, ଯାହା ରକ୍ତରେ ଶର୍କରା ପରିମାଣକୁ ବୃଦ୍ଧି ହେବାକୁ ଦେଇ ନ ଥାଏ ।

**ଆଜ୍ମା :** ନାକ, ଶ୍ୱାସନଳୀ ଏବଂ ଫୁସଫୁସ୍‌ରେ କଫ ଜମିବା ଫଳରେ ଆଜମା ରୋଗୀଙ୍କୁ ଅନେକ ଯନ୍ତ୍ରଣାର ସମ୍ମୁଖୀନ ହେବାକୁ ପଡିଥାଏ । ଏଭଳି ପରିସ୍ଥିତିରେ ଦୈନନ୍ଦିନ ଗୋଟିଏ କନ୍ଦମୂଳ ସିଝାଇ ଖାଇବା ଦ୍ୱାରା ସମସ୍ୟା ଦୂର ହୋଇଥାଏ ଏବଂ ଆଜମା ରୋଗୀଙ୍କୁ ଆରାମ ମିଳିଥାଏ ।

**ଓଜନ ବୃଦ୍ଧି :** କନ୍ଦମୂଳରେ ପ୍ରଚୁର



ମାତ୍ରାରେ ଷ୍ଟାର୍ଚ ଥାଏ, ଯାହା ମାଂସପେଶୀକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ କନ୍ଦମୂଳରେ ମହଜୁଦ୍ ଭିଟାମିନ୍, ଖଣିଜ ଏବଂ ପ୍ରୋଟିନ୍ ଓଜନ ବଢ଼ାଇବାରେ ମଧ ସହାୟକ ହୋଇଥାଏ ।

**ସୁସ୍ଥ ହୃତପିଣ୍ଡ :** ଦୈନନ୍ଦିନ ଗୋଟିଏ କନ୍ଦମୂଳ ସେବନ ଦ୍ୱାରା ହୃଦରୋଗ ଜନିତ ବିଭିନ୍ନ ସମସ୍ୟାରୁ ଉପଶମ ମିଳିଥାଏ । କାରଣ ଏଥିରେ ଥିବା କପର, ଭିଟାମିନ୍ ବି-୬, କୋଲେଷ୍ଟ୍ରୋଲ ସ୍ତରକୁ ନିୟନ୍ତ୍ରଣରେ ରଖିଥାଏ । ଯଦ୍ୱାରା ହୃତପିଣ୍ଡଜନିତ ବିଭିନ୍ନ ସମସ୍ୟା ନିମିଷେକେ ଦୂର ହୋଇଥାଏ ।

**ବ୍ଲଡ ସେଲ୍ ନିର୍ମାଣ :** କନ୍ଦମୂଳରେ ପ୍ରଚୁର ମାତ୍ରାରେ ଆଇରନ୍ ଥାଏ, ଯାହା ନା କେବଳ ଶରୀରକୁ ଶକ୍ତି ଯୋଗାଏ ବରଂ ବ୍ଲଡ ସେଲ୍ ନିର୍ମାଣରେ ବି ସାହାଯ୍ୟ କରେ । ଏହାର ସେବନ ଦ୍ୱାରା ଶରୀରରେ ଆଇରନ୍ ଅଭାବ ଦୂର ହୋଇଥାଏ ।

**ଫାଇବରର ଉତ୍ତମ ସ୍ରୋତ :** ଏହା ଫାଇବରର ସବୁଠୁ ଉତ୍ତମ ସ୍ରୋତ । ଭିଟାମିନ୍, ଆଇରନ, ପଟାସିୟମ ଏବଂ ମ୍ୟାଗ୍ନେସିୟମ ମଧ ଏଥିରେ ଏଥିରେ ପ୍ରଚୁର ମାତ୍ରାରେ ଥାଏ । ଯାହା ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ ।

# ଥଣ୍ଡା ଓ କାଶ ଦୂର କରେ ରସୁଣ

ରସୁଣ ରୋଷେଇ ଘରେ ମସଲା ରୂପରେ ଉପଯୋଗ କରାଯାଇଥାଏ । କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ, ଏଥିରେ ଆଣ୍ଟିବାୟୋଟିକ୍ ଗୁଣ ରହିଛି । ଫଳରେ ଏକାଧିକ ରୋଗ ପାଇଁ ଏହା ଖୁବ୍ ଭଲ କାମ କରିଥାଏ ।





କ୍ୟାନସର : ରସୁଣ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ ଓ ଶରୀରରେ କ୍ୟାନସର ସେଲକୁ ବଢ଼ିବାକୁ ଦିଏନାହିଁ । ଗବେଷଣା ଅନୁସାରେ ନିୟମିତ ରୂପରେ ଦୁଇକୋଳା ରସୁଣ ଖାଇଲେ ବ୍ଲଡର, ବ୍ରେଷ୍ଟ ଓ ପେଟ କ୍ୟାନସରକୁ ରୋକିଥାଏ ।

**ବ୍ଲଡ କ୍ଲଟ୍ :** ଏହା ବ୍ଲଡ କଟିଂକୁ ରୋକିଥାଏ । ରକ୍ତକୁ ସଫା ଓ ପତଳା କରିଥାଏ । ଶରୀରରେ ରକ୍ତ ପ୍ରବାହକୁ ସୁଚାରୁ ରୂପରେ ସଂଚାଳିତ କରିଥାଏ । ଏହାକୁ ଖାଇଲେ ସ୍କିନ୍ ସମସ୍ୟା ଦୂର ହେବା ସହିତ ମୁହଁ ବ୍ରଣ ଆଦି ଦୂର ହୋଇଥାଏ ।

**ସର୍ଦ୍ଦି ଥଣ୍ଡାରୁ ମୁକ୍ତି :** ଏଥିରେ ଥିବା ଆଣ୍ଟିବ୍ୟାକ୍ଟେରିୟଲ, ଆଣ୍ଟି ଭାଇରାଲ ଓ ଆଣ୍ଟି ଫଙ୍ଗାଲ ଗୁଣ ଛୋଟ ବଡ଼ ଇନଫେକଶନ ତଥା ସର୍ଦ୍ଦି ଓ ଥଣ୍ଡା ଜ୍ୱର ଓ କାଶରୁ ରକ୍ଷା କରିଥାଏ । ଗୋଟିଏ କୋଳା ରସୁଣ ରସ ସହିତ ଅଦା ରସ ଓ ମହୁ ମିଶାଇ ସେବନ କରିବା ଫଳରେ ଇନଫେକସନରୁ ମୁକ୍ତି ମିଳିଥାଏ ।

**କୋଲେଷ୍ଟ୍ରଲ କମ୍ :** ରସୁଣରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଗୁଣ କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରିଥାଏ ।

**ହୃଦୟକୁ ସୁସ୍ଥ ରଖେ :** ରସୁଣ ହୃଦୟକୁ ଫିଟ୍ ରଖିବାରେ ସହାୟକ ହୋଇଥାଏ । କୋଲେଷ୍ଟ୍ରଲ ସ୍ତରକୁ ବଢ଼ିବାକୁ ଦିଏ ନାହିଁ । ଏଥିପାଇଁ ହାଇପରଟେନଶନ ଓ ହାଇ ବ୍ଲଡ ପ୍ରେସର ରୋଗୀଙ୍କ ପାଇଁ ଖୁବ୍ ଲାଭଦାୟକ ।

**ଗର୍ଭବତୀ :** ଗର୍ଭାବସ୍ଥାରେ ରସୁଣ ନିୟମିତ ଖାଇବା ଫଳରେ ମା' ଓ ଶିଶୁ ପାଇଁ ଖୁବ୍ ଉପକାରୀ ହୋଇଥାଏ । ଏହା ଗର୍ଭସ୍ଥ ଶିଶୁକୁ ବଢ଼ାଇବାରେ ସହାୟକ ହୋଇଥାଏ ।

# କ୍ୟାନସର ଆଶଙ୍କା ହ୍ରାସ କରିବ ସାଇକେଲିଂ

ମହଙ୍ଗା ବାଇକ୍ ଏବଂ ବିଳାସପୂର୍ଣ୍ଣ କାର୍ ସବୁବେଳେ ଷ୍ଟାଟସ୍ ସିମ୍ବଲ ହୋଇ ରହିଛି । କିନ୍ତୁ ଏବେ ସ୍ୱାସ୍ଥ୍ୟ ପ୍ରତି ସଚେତନ ଲୋକଙ୍କ ମଧ୍ୟରେ ସାଇକେଲର ଚାହିଦା ତୀବ୍ର ବେଗରେ ବଢ଼ିଚାଲିଛି । ଅଧିକ ସଂଖ୍ୟକ ଲୋକେ ନିଜକୁ ଫିଟ୍ ରଖିବାକୁ ସାଇକେଲ୍ ଚଳାଇବାକୁ ପସନ୍ଦ କରୁଛନ୍ତି । ଏହା ସବୁଠୁ ଉତ୍ତମ ବ୍ୟାୟାମ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ସାଇକେଲିଂ କରିବା ଦ୍ୱାରା ମଣିଷ କେବଳ ସୁସ୍ଥ ଏବଂ ସତେଜ ରହେ ନାହିଁ ବରଂ କ୍ୟାନସର ଭଳି ଆହୁରି ଅନେକ ମାରାତ୍ମକ ରୋଗକୁ ବି ରକ୍ଷା ପାଇଥାଏ । ଏକ ଗବେଷଣାରୁ ଜଣାପଡିଛି, ସାଇକେଲ୍ ଚଲାଇବା ଦ୍ୱାରା ହୃଦରୋଗ ଜନିତ ସମସ୍ୟା ୪୬ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥାଏ । ଏହାସହ କ୍ୟାନସର ଭଳି ଗମ୍ଭୀର ରୋଗରୁ ମଧ ବର୍ତ୍ତିବାର ଉପାୟ ମିଳିଥାଏ । ନିୟମିତ ରୂପରେ ସାଇକେଲ୍ ଚଳାଇଲେ କ୍ୟାନସର ଆଶଙ୍କା ୪୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଏ । ଗବେଷଣାରେ ୨ ଲକ୍ଷ ୬୪ ହଜାର ୩୭୭ ଜଣ ଲୋକଙ୍କୁ ସାମିଲ କରାଯାଇ ତଥ୍ୟ ହାସଲ ହୋଇଛି । ଗବେଷଣାରେ ଏମାନଙ୍କ ଓଜନ ହ୍ରାସ କରିବା ପାଇଁ ସାଇକେଲ ଚଲାଇବାକୁ ଦିଆଯାଇଥିଲା । ସପ୍ତାହକ ମଧ୍ୟରେ ଅତିକମରେ ୨ ହଜାର କ୍ୟାଲୋରୀ ବର୍ଣ୍ଣ କରିବାର ଥିଲା । ଆଶ୍ଚର୍ଯ୍ୟ ହେବେ, ନିୟମିତ ରୂପରେ ସାଇକେଲ୍ ଚଳାଇବା ଦ୍ୱାରା ପ୍ରତି ଘଣ୍ଟାରେ ୩୦୦ କ୍ୟାଲୋରୀ ବର୍ଣ୍ଣ ହୋଇଥିଲା । ଯେତେ ଅଧିକ ସାଇକେଲ ଚଳାଇବେ ସେତେ କ୍ୟାଲୋରୀ ବର୍ଣ୍ଣ ହେବ ଏବଂ ଆପଣ ଫିଟ୍ ରହିବେ ।



## ରାମକଥା



ହନୁମାନ ଲକ୍ଷ୍ମଣଙ୍କୁ ପରମୁହୂର୍ତ୍ତରେ ଶ୍ରୀରାମଙ୍କ ପାଖକୁ ନେଇଗଲେ । ଦୁହେଁ ଶ୍ରୀରାମଙ୍କୁ ପ୍ରଣାମ କଲେ । ହନୁମାନ ଇନ୍ଦ୍ରଜିତର କଟାମୁଣ୍ଡ ଦେଖାଇଲେ । ଶ୍ରୀରାମ ଅତି ଆନନ୍ଦରେ ଲକ୍ଷ୍ମଣଙ୍କୁ ଆଲିଙ୍ଗନ କଲେ । ଶ୍ରୀରାମ କହିଲେ, ମୋ ଲକ୍ଷ୍ମଣ ଇନ୍ଦ୍ରଜିତକୁ ମାରିଛି । ଇନ୍ଦ୍ରଜିତର ମୃତ୍ୟୁ ହେବା ଅର୍ଥ ରାବଣର ମୃତ୍ୟୁ ହେବା । ଏଥର ରାବଣକୁ ମାରିବା ଆଉ କଷ୍ଟକର ହେବ ନାହିଁ । ଇନ୍ଦ୍ରଜିତକୁ ବଧ କରିବା ଥିଲା କଠିନ କଥା । ଇନ୍ଦ୍ରଜିତ ଥିଲା ରାବଣ ଅପେକ୍ଷା ଅଧିକ ପ୍ରବଳ ।

ଶ୍ରୀରାମ ଲକ୍ଷ୍ମଣଙ୍କୁ ଖୁବ୍ ପ୍ରଶଂସା କଲେ । ଏହି ସମୟରେ ଇନ୍ଦ୍ରଜିତର କଟାମୁଣ୍ଡ ନେବାକୁ ତା ପତ୍ନୀ ସେଠାରେ ପହଞ୍ଚିଲା । ଇନ୍ଦ୍ରଜିତର ପତ୍ନୀର ନାମ ହେଉଛି ସୁଲୋଚନା । ତା ବିଳାପରେ ଶ୍ରୀରାମଙ୍କର ହୃଦୟ ଦ୍ରବିତ ହୋଇଗଲା । ଶ୍ରୀରାମ ଅତି ଦୟାଳୁ । ଶ୍ରୀରାମ ସୁଲୋଚନାକୁ କହିଲେ- ତୁମେ ଯଦି ଚାହଁ ତେବେ ମୁଁ ତୁମ ପତିଙ୍କୁ ପୁଣି ଥରେ ଜୀବିତ କରିଦେବି । ତାକୁ ଏକ ହଜାର ବର୍ଷ ଆୟୁଷ ଦେଇଦେବି ।

ଶ୍ରୀରାମ ଇନ୍ଦ୍ରଜିତକୁ ପୁନଃଜୀବନ ଦେବାକୁ ପ୍ରସ୍ତୁତ ହୋଇଗଲେ । ସୁଲୋଚନା କିନ୍ତୁ ମନାକଲା । କହିଲା 'ମୋ ପତି ଯୁଦ୍ଧକରି ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କରିଛନ୍ତି । ସେ ବୀରଗତି ପାଇଛନ୍ତି । ସେ ପରମଧାମ ପ୍ରାପ୍ତ ହୋଇଛନ୍ତି ।' ଇନ୍ଦ୍ରଜିତର ମୃତ୍ୟୁ ହେଲା । ରାବଣ ପୁତ୍ର ବିୟୋଗରେ ଖୁବ୍ କାନ୍ଦିଲା । ସେତେବେଳେ ଦୁଃଖରେ ମ୍ରିୟମାଣ ଇନ୍ଦ୍ରଜିତର ମାତା ମନ୍ଦୋଦରୀ ରାବଣଙ୍କୁ ହିତ କଥାମାନ କହି ବୁଝାଇବାରେ ଲାଗିଲା । କହିଲା ଦେଖ, ଆମର ସାନପୁଅ ଓ ଅନ୍ୟମାନେ ଯାଇଥିଲେ ଏବେ ବଡ଼ ପୁଅ ଗଲା । ବର୍ତ୍ତମାନ ବି ସମୟ ଅଛି । ତୁମେ ଆମ କଥା ଟିକିଏ କାନରେ ପକାଅ । ଶ୍ରୀରାମ ହେଉଛନ୍ତି ପରମାତ୍ମା । ତାଙ୍କ ସହିତ ବିରୁଦ୍ଧାଚରଣ କରନାହିଁ । ରାବଣ କହିଲା ମୁଁ ଜାଣିଛି ଶ୍ରୀରାମ ହେଉଛନ୍ତି ପରମାତ୍ମା ।

ମନ୍ଦୋଦରୀ କହିଲା, ସେ ପରମାତ୍ମା ବୋଲି ତୁମେ ଜାଣିଛ, ତାହାହେଲେ ଯୁଦ୍ଧ କରୁଛ କାହିଁକି ? ପରମାତ୍ମାଙ୍କ ବିରୁଦ୍ଧାଚରଣ କଲେ ପରିଣତି କ'ଣ ହୁଏ କ'ଣ ତୁମେ ଜାଣିନାହଁ ?

ରାବଣ କହିଲା, ଶ୍ରୀରାମ ପରମାତ୍ମା । ମୁଁ ଏକାକୀ ଯଦି ଶ୍ରୀରାମ ପରମାତ୍ମାଙ୍କୁ ଧ୍ୟାନ କରିଥାନ୍ତି ତେବେ ମୁଁ ଏକାକୀ ପରମପଦ ବା ମୁକ୍ତି ପାଇଥାନ୍ତି । ମୋର ନିଶ୍ଚିତ ମଙ୍ଗଳ ହୋଇଥାନ୍ତା । କିନ୍ତୁ ଏହି ରାକ୍ଷସକୁଳଙ୍କର କ'ଣ ହୋଇଥାନ୍ତା ? ବିରୋଧ କରିବା ଦ୍ୱାରା ମୋର ସମ୍ପୂର୍ଣ୍ଣ ବଂଶର ଉଦ୍ଧାର ହୋଇଯିବ । ଏହି ରାକ୍ଷସମାନେ, ଯେଉଁମାନେ ତାମସୀ ଭୋଜନରେ ଜୀବନ କଟାଉଛନ୍ତି, କଦାପି ଭକ୍ତି କରିପାରିବେ ନାହିଁ । ଏମାନେ ଧ୍ୟାନ, ତପ, ଯୋଗ, ଜପ ଆଦି କିଛି କରିପାରିବେ ନାହିଁ । ମୁଁ ବିରୋଧ କରିବା ଫଳରେ ଏମାନେ ସମସ୍ତେ ମୋ ପାଇଁ ଶ୍ରୀରାମଙ୍କ ଶରାଘାତ ପାଇଁ ମୃତ୍ୟୁବରଣ କରିବେ । ଅନ୍ତ ସମୟରେ ଶ୍ରୀରାମଙ୍କ ଶ୍ରୀମୁଖ ଦର୍ଶନ କରୁଥିବା ଅବସ୍ଥାରେ ପ୍ରାଣତ୍ୟାଗ କରିବେ । ସମସ୍ତଙ୍କୁ ମୁକ୍ତି ମିଳିଯିବ ।

ରାବଣ ଥିଲା ଅସାମାନ୍ୟ ପଣ୍ଡିତ । ସେ ମୂର୍ଖ ଆଦୌ ନ ଥିଲା । ସେ ଥିଲା ବ୍ରାହ୍ମଣକୁଳର ଶ୍ରେଷ୍ଠ ବିଦ୍ୱାନ୍, ବହୁବର୍ଷ କଠିନ ତପସାଧନା, ଯୋଗସାଧନା ବି କରିଥିଲା । ସେ ମନ୍ଦୋଦରୀକୁ କହିଲା, ମୁଁ ସବୁକଥା ବିଚାର କରି, ଭାବିଚିନ୍ତି ଶ୍ରୀରାମଙ୍କ ସହିତ ଶତ୍ରୁତା କରିଛି ।

'ମୋର ବି ଏଥର ଉଦ୍ଧାର ପାଇବା ସମୟ ଆସିଗଲା । ତୁ ଆଉ ଚିନ୍ତା କରନାହିଁ । ମନ୍ଦୋଦରୀ ହଠାତ୍ କିଛି ବୁଝି ପାରିଲା ନାହିଁ । ଏହାପରେ ରାବଣ ଶ୍ରୀରାମଙ୍କ ସହିତ ଯୁଦ୍ଧ କରିବା ପାଇଁ ବାହାରି ପଡ଼ିଲା । ରାବଣ ରଥରେ ଥିଲା ଆଉ ଶ୍ରୀରାମ ଭୂମିଉପରେ । ଏହା ଦେଖି ବିଭୀଷଣ ଅଧୀର ହୋଇ ଉଠିଲେ । ସେ ଶ୍ରୀରାମଙ୍କୁ କହିଲେ, ଆପଣଙ୍କର ରଥ ନାହିଁ, ପାଦରେ ଯୋତା ବି ନାହିଁ । ଆପଣ ଏହି ବଳବାନ୍ ଶତ୍ରୁକୁ ଜିତି ପାରିବେ କିପରି ? ଶ୍ରୀରାମ ବିଭୀଷଣକୁ ଏତିକିବେଳେ ଯେଉଁ ଉପଦେଶ ଦେଇଥିଲେ ତାହା ସନ୍ଥ ତୁଳସୀ ଦାସ ଅତି ସୁନ୍ଦର ଭାଷାରେ ବର୍ଣ୍ଣନା କରିଛନ୍ତି । ଏହାର ନାମ ହେଉଛି ଧର୍ମ-ଗୀତା ।

ଧର୍ମରୂପୀ ରଥର ପହିଗୁଡିକ କ'ଣ ? ଏହି ରଥର ଘୋଡ଼ା କିଏ ? ଏହାର କବଚ କିଏ ? ସାରଥୀ କିଏ ? ଏ ସମସ୍ତର ବର୍ଣ୍ଣନା ଧର୍ମ ଗୀତାରେ କୁହାଯାଇଛି ।

ଶ୍ରୀରାମ ବିଭୀଷଣଙ୍କୁ କହିଲେ-

ସୌରଜ ଧୀଜ ତେହି ରଥ ଚାକା ।
ସତ୍ୟ ସୀଲ ଦୃଢ଼ ଧ୍ୱଜା ପତାକା ।

ଅର୍ଥାତ୍, ଶୌର୍ଯ୍ୟ ଓ ଧୈର୍ଯ୍ୟ ହେଉଛି ସେହି ରଥର ଚକ । ସତ୍ୟ ଓ ସଦାଚାର ତାହାର ଦୃଢ଼ ଧ୍ୱଜା ଓ ପତାକା ।

ବଲ ବିବେକ ଦମ ପରହିତ ଘୋରେ ।
ଛମା କୃପା ସମତା ରଜୁ ଜୋରେ ।

ଅର୍ଥାତ୍, ବଳ, ବିବେକ, ଇନ୍ଦ୍ରିୟଦମନ ଏବଂ ପରୋପକାର ଏହି ଚାରିଗୋଟି ହେଉଛି ମୋର ରଥର ଅଶ୍ୱ । କ୍ଷମା, ଦୟା ଏବଂ ସମତା ରଜ୍ଜୁ ଦ୍ୱାରା ଏମାନେ ରଥରେ ଯୋଚା ହୋଇଥାନ୍ତି ।

ଈସ ଭଜନୁ ସାରଥୀ ସୁଜାନା ।
ବିରତି ଚର୍ମ ସଂତୋଷ କୃପାନା ।

ଦାନ ପରସୁ ବୁଧି ଶକ୍ତି ପ୍ରଚଣ୍ଡା ।
ବର ବିଜ୍ଞାନ କଠିନ କୋଦଣ୍ଡା ।

ଈଶ୍ୱରଙ୍କ ଭଜନ ହେଉଛି ସେହି ରଥର ସଂଚାଳକ ତଥା ଚତୁର ସାରଥି । ବୈରାଗ୍ୟ ହେଉଛି ଢ଼ାଲ ଆଉ ସନ୍ତୋଷ ହେଉଛି ତରବାରୀ । ଦାନ ହେଉଛି ଫାର୍ଶା, ବୁଦ୍ଧି ପ୍ରଚଣ୍ଡ ଶକ୍ତି, ବିଜ୍ଞାନ ହେଉଛି କଠିନ ଧନୁ ।

ଅମଲ ଅଚଲ ମନ ତ୍ରୋନ ସମାନା ।
ସମ ଜମ ନିୟମ ସିଲୀମୁଖ ନାନା ।

କବଚ ଅଭେଦ ବିପ୍ର ଗୁରୁ ପୂଜା ।
ଏହି ସମ୍ୱ ବିଜୟ ଉପାୟ ନ ଦୂଜା ।

ଅର୍ଥାତ୍ : ନିର୍ମଳ, ପାପରହିତ ଓ ଅଚଳ, ସୁସ୍ଥିର ମନ ହେଉଛି ତୂଣୀର ଭଳି । ଶମ, ଅହିଂସାଦି ଯମ ଓ ଶୌଚାଦି ନିୟମ ଏଗୁଡିକ ହେଉଛନ୍ତି ଦିବ୍ୟ ବାଣ । ବ୍ରାହ୍ମଣ ଓ ଗୁରୁପୂଜା ହେଉଛି ଅଭେଦ୍ୟ କବଚ । ଏମାନଙ୍କ ପରି ବିଜୟର ଅନ୍ୟ ଉପାୟ କିଛି ନାହିଁ ।

ସଖା ଧର୍ମମୟ ଅସ ରଥ ଜାକେଁ ।
ଜୀତନ କହଁ ନ କତହୁଁ ରିପୁ ତାକେଁ ।

ହେ ସଖା ଯାହାର ପାଖରେ ଏପରି ରଥ ଅଛି ତାହା ପକ୍ଷରେ ଜିଣିବା ପାଇଁ କେଉଁଠାରେ ହେଲେ ଶତ୍ରୁ ନାହାନ୍ତି ।

ରାବଣ ଏକ ଲୌକିକ ରଥରେ ବସିଛି । ସେହି ରଥ ବିଜୟ ହାସଲ କରିବା ନିମନ୍ତେ ପ୍ରକୃତ ରଥ ନୁହେଁ । ମହାପୁରୁଷ ଧର୍ମରୂପୀ ରଥରେ ବସନ୍ତି । ତେଣୁ ତାଙ୍କୁ କେହି ବି ମାରିପାରନ୍ତି ନାହିଁ । ଏଥର କିନ୍ତୁ ଶ୍ରୀରାମଙ୍କୁ ଖାଲି ପାଦରେ ଭୂମିଉପରେ ଠିଆ ହୋଇଥିବା ଦେବତାଙ୍କ ଦୃଷ୍ଟି ଆକର୍ଷଣ କଲା । ସେମାନଙ୍କୁ କ୍ଷୋଭ ଆସିଲା । ଇନ୍ଦ୍ର ସହସା ମାତଳିଙ୍କୁ ଡାକି କହିଲେ ଶ୍ରୀରାମଙ୍କ ପାଇଁ ମୋର ବିଜୟ ସ୍ୟନ୍ଦନ ନେଇଯାଅ । ମାତଳି ରଥ ନେଇ ଆସିଲା । ଶ୍ରୀରାମ କିଛି କହିବା ପୂର୍ବରୁ ଦେବତାମାନେ ଶ୍ରୀରାମଙ୍କୁ ରଥରେ ଚଢ଼ି ଯୁଦ୍ଧ କରିବା ପାଇଁ ପ୍ରାର୍ଥନା କଲେ । ଶ୍ରୀରାମ ବିଜୟ ରଥରେ ଚଢ଼ିଲେ ।

ଏଥର ଶ୍ରୀରାମ ରାବଣ ମଧ୍ୟରେ ଅତି ପ୍ରଚଣ୍ଡ ଯୁଦ୍ଧ ହେଲା । ଯୁଦ୍ଧର ଦୃଶ୍ୟ ବର୍ଣ୍ଣନା କରିବା କାହା ପକ୍ଷରେ ବି ସମ୍ଭବ ନଥିଲା । ଆକାଶରେ ରହି ଦେବତା ଓ ଋଷିମାନେ ଏହି ଅପୂର୍ବ ଭୟଙ୍କର ଯୁଦ୍ଧ ଦେଖିବାରେ ଲାଗିଲେ । ରାବଣ ଅନେକ ପ୍ରକାର ମାୟା କଲା । ଶ୍ରୀରାମ ରାବଣର ସମସ୍ତ ମାୟାକୁ ଛିନ୍ନଛତ୍ର କରି ଦେଉଥିଲେ ।

ଶ୍ରୀରାମ ପ୍ରତିକ୍ଷଣରେ ଶର ସନ୍ଧାନ କରୁଥିଲେ । ବୃକ୍ଷର ଫଳ ଛିଡି ତଳେ ପଡିବା ଭଳି ରାବଣ ଗଣ୍ଡିରୁ ବାରମ୍ବାର ମୁଣ୍ଡଗୁଡିକ ଛିଡି ତଳେ ପଡିବାରେ ଲାଗିଥାଏ । କିନ୍ତୁ ଆଶ୍ଚର୍ଯ୍ୟର କଥା, ପରକ୍ଷଣରେ ସେହି ମୁଣ୍ଡଗୁଡିକ ଉପରକୁ ଉଠି ପୁଣିଥରେ ଗଣ୍ଡିରେ ଯୋଡି ହୋଇ ଯାଉଥାଏ । ରାବଣକୁ ବ୍ରହ୍ମା ବରଦାନ କରିଥିଲେ । ଫଳରେ ସେ ମରୁ ନଥିଲା । ଭୟଙ୍କର ଯୁଦ୍ଧ ଚାଲିଥିବା ବେଳେ ବିଭୀଷଣ ଶ୍ରୀରାମଙ୍କ ପାଖକୁ ଯାଇ ରାବଣ ନାଭିରେ ଅମୃତ ଥିବା କଥା କହିଦେଲେ ।


## ସର୍ବେଦ

**ସାଧନ ମନ କେ ସାଥ ହୈ, ତବ ତକ ଭକ୍ତି ନାହିଁ ।**
**ନିର୍ମଳ ଉର୍ଦ୍ଧ୍ୱ ପ୍ରବାହ ମେଁ, ଅମନ ଭକ୍ତି ଘଟ ମାହିଁ । (୧୮)**

ଭାଷ୍ୟ: ମନର ସହିତ ଯେ ପର୍ଯ୍ୟନ୍ତ ସାଧନ ହୁଏ, ସେତେବେଳ ପର୍ଯ୍ୟନ୍ତ ଭକ୍ତି ହୁଏ ନାହିଁ । ମନରୁ ଛାଡିଯିବା ପରେ ଚେତନ ଆତ୍ମିକ ଶକ୍ତିର ପବିତ୍ର ବିକାଶର ଆରମ୍ଭ ହୁଏ । ମନରୁ ଛାଡିଯିବା ପରେ ଚେତନ ଶକ୍ତିର ଉର୍ଦ୍ଧ୍ୱ ପ୍ରବାହ ହେବାରେ ଲାଗେ । ମନ ସହ ଆତ୍ମିକ ଶକ୍ତିର ଅର୍ଦ୍ଧମୁଖୀ ପ୍ରବାହ ରହେ ଓ ତାର ସାଙ୍ଗ ଛାଡି ଦେଲେ ଚେତନ ଉର୍ଦ୍ଧ୍ୱ ପ୍ରବାହ ପ୍ରବାହିତ ହୋଇଥାଏ । ସେହି ମନ ରହିତ ଅମନ ଅବସ୍ଥାରେ ଏହି ଶରୀରରେ ଭିତରେ ଥିବା ସମଗ୍ର ଦେହ ସଂଘାତ ସ୍ୱାମୀ ଆତ୍ମା ଭକ୍ତିର ସଂପାଦନ କରେ ଅର୍ଥାତ୍ ଏଥିରେ ଭକ୍ତି ଶୁଦ୍ଧ ରୂପରେ ପ୍ରକଟ ହୁଏ । ଶୁଦ୍ଧାତ୍ମାରେ ପ୍ରଭୁ ପ୍ରାପ୍ତି ପାଇଁ ଯେଉଁ ପ୍ରଯତ୍ନ ହୁଏ ତାକୁ ଭକ୍ତି କହନ୍ତି । ଭକ୍ତିରେ ମନ, ବୁଦ୍ଧି, ପ୍ରାଣ ଓ ଇନ୍ଦ୍ରିୟ ଜଗତର ସମସ୍ତ କର୍ମ ଛାଡିଯାଏ । ବାଣୀ, ଅନହଦ, ଅଜପା, ଶୂନ୍ୟ ଏବଂ ଲୟ ସମସ୍ତଙ୍କର ସମ୍ବନ୍ଧ ଛାଡିଯାଏ ଓ ଈଶ୍ୱରଙ୍କ ପ୍ରତି ଏକ ଅନନ୍ୟ ପ୍ରେମର ତିନି ଅବସ୍ଥା ଥାଏ । ଅନ୍ତିମ ଅବସ୍ଥାରେ ଆତ୍ମାର ଏକ ଅନନ୍ୟ ସ୍ଥିତି ପ୍ରାପ୍ତି ହୋଇଥାଏ । ଭକ୍ତିର ଏହି ସର୍ବୋତ୍କୃଷ୍ଟ ଭୂମି ଅଟେ, ଯେଉଁଠି ଏକ ଅନନ୍ୟ ଆରାଧ୍ୟର ଅତିରିକ୍ତ ଅନ୍ୟ କୌଣସି ବସ୍ତୁ ଆତ୍ମ ଅନୁଭବରେ ରହେ ନାହିଁ ।

**କପଟ ଛିଦ୍ର ଛଳ ତ୍ୟାଜ କେ, ସବେ ଦିଲ ପ୍ରଭୁ ଧାର ।**
**ଖୁଲା ହୃଦୟ ପ୍ରଭୁ ଭଜନ ମେଁ, ନୀର ବାସନା ପାର । (୧୯)**

ଭାଷ୍ୟ: ବିଶ୍ୱରେ ସତ୍ୟର ବ୍ୟବହାର ହେଉ ନ ଥିବାରୁ ସବୁଠାରେ ଅଶାନ୍ତି ଓ ଦ୍ୱନ୍ଦ ହେଉଛି । ବ୍ୟବହାର, ସମାଜ ତଥା ଧର୍ମରେ ସତ୍ୟ ସହ ବ୍ୟବହାର କରାଯାଏ, ତେବେ କାହାରିକୁ କୌଣସି ପ୍ରକାରର କାର୍ଯ୍ୟ ବୃଦ୍ଧି ଓ ଉନ୍ନତିରେ ବାଧା ପଡ଼ିବ ନାହିଁ । ଛଳ, କପଟ ଏବଂ ଦ୍ୱେଷ ଓ ବୁଦ୍ଧିରେ ମାନବ ସମାଜ ପୀଡିତ ଅଛନ୍ତି । ଏହି ପ୍ରକାର ଆଧ୍ୟାତ୍ମ କ୍ଷେତ୍ରରେ ଆଗେ ଚଢ଼ିବାର




ଆବଶ୍ୟକ ଅଛି କି ସେହି ସଂସାରୀ ବ୍ୟବହାରକୁ ଛାଡି ଶୁଦ୍ଧ ହୃଦୟରେ ଅଧ୍ୟାତ୍ମ ପଥରେ ଚାଲନ୍ତୁ । କପଟ, ଛଳ ଏବଂ ଦ୍ୱେଷକୁ ଛାଡିହିଁ ଶୁଦ୍ଧ ଆତ୍ମାରେ ପ୍ରଭୁଙ୍କ ଭକ୍ତି ଧାରଣ କରାଯାଏ । ଯାହା ପାଖରେ ଏହି ଦୋଷ ଅଛି, ସେ କେବେ ବି ଅଧ୍ୟାତ୍ମର ଉଚ୍ଚ ଶିଖରକୁ ଯାଇ ପାରିବ ନାହିଁ । ଶୁଦ୍ଧ ହୃଦୟରେ ସଂସାରର ସମସ୍ତ ବାସନାରୁ ଦୂରେଇ ରହି ପ୍ରଭୁଙ୍କ ଭଜନ ହୋଇଥାଏ । ରାଗ, ଦ୍ୱେଷ, ମୋହ ଏବଂ ଭୋଗ ବାସନା ଅଥବା ସଂସାରର ମାନ ପ୍ରତିଷ୍ଠାର ଶୁଦ୍ଧ ଭାବନାରେ ରହିତ ହୋଇ ପ୍ରଭୁଙ୍କ ଭଜନ ହୁଏ, ତେବେ ସତ୍ୟ ସୁଖର ପ୍ରାପ୍ତିରେ ଜୀବନ ନିର୍ବାହ ଶାନ୍ତ ହୋଇ ଆନନ୍ଦିତ ହୋଇଥାଏ ।

**ଉର୍ଦ୍ଧ୍ୱ ଲକ୍ଷ୍ୟ ସାଧନ ଚଲେ, ଅର୍ଥ ମନନ ମନ ମିତ ।**
**ବିଜୟ ପ୍ରାପ୍ତ ରଣଧୀର କି, ମନ ଜିତେ ଜଗଜିତ । (୨୦)**

ଭାଷ୍ୟ: ଜୀବର ପ୍ରବଳ ଶତ୍ରୁ ମନ ଅଟେ । ମନ ଭିତରେ ହିଁ ସମସ୍ତ ସଂସାରର ସାମ୍ରାଜ୍ୟ ଅଛି । ମନର ବେଗରେ ପଡ଼ି ଜୀବ ଯାତାୟତ ଓ ତ୍ରିତାପ ଦୁଃଖରେ ଚିରକାଳ ପଡି ରହିଛି । ଯେବେ ସାଧକ ନିଜର ଲକ୍ଷ୍ୟରେ ମନ ଉପରକୁ ଆସିଯାଏ । ମାତ୍ର ପୂର୍ଣ୍ଣ ରଣଧୀର ସାଧକ ପୁରୁଷାର୍ଥ କରି ମନକୁ ଜିତି ଯାଏ ଓ ମନକୁ ବିଜୟ କରିଦେଲେ ସମଗ୍ର ସଂସାରକୁ ବିଜୟୀ ହୋଇ ଯାଏ କାହିଁକି ମନ ଭିତରେ ହିଁ ସାରା ସଂସାର ମନନ ରୂପରେ ବିଦ୍ୟମାନ ଅଛି । ଏଥିପାଇଁ ମନ ଜୀତ ଜଗ ଜୀତ ହୋଇଯାଏ ।

**ଧୀର ମନୀଷୀ ଜୀତ ମନ, ପୂର୍ଣ୍ଣ ମନୋରଥ କାମ ।**
**ମନା ମହାବଳ ଶକ୍ତି କୋ, ଜାନେ ବେ ନିସକାମ । (୨୧)**

ଭାଷ୍ୟ: ମନକୁ ନିଷ୍କାମ କରିବା ବାଲା ଧୀର ସନ୍ଥ ମନର ମହାନ ଶକ୍ତିକୁ ସଦ ବିବେକ ଦ୍ୱାରା ସଦଗୁରୁଙ୍କ ଯୁକ୍ତିରେ ବିଜୟୀ ହୋଇ ଜୀବନକୁ ମନୋରଥ, ମହାନ୍ ଲକ୍ଷ୍ୟକୁ ପାଇଥାଏ ।

**ମନପର ବିଜୟୀ ହୋୟ କର, ବ୍ରହ୍ମପ୍ରାପ୍ତି କର ସନ୍ତ ।**
**ମନ ବାଞ୍ଛିତ ଫଳ ବେ ମିଳେ, ନର ଜୀବନ କର ଅନ୍ତ । (୨୨)**

ଭାଷ୍ୟ: ସଦଗୁରୁ ଯୋଗ ବିଧାନରେ ମନକୁ ବିଜୟଲାଭ କରି ମନସ୍ୱୀ ସନ୍ଥ ବ୍ରହ୍ମ ପ୍ରାପ୍ତି କରନ୍ତି ଓ ଜୀବନର ସମସ୍ତ ମନୋବାଞ୍ଛିତ ଫଳ ପାଆନ୍ତି । ପ୍ରଭୁ ଶରଣରେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚାରି ଫଳ ମିଳେ ।

# ଛେଳି କ୍ଷୀରର ଉପକାରିତା

ଜାତିର ପିତା ମହାତ୍ମା ଗାନ୍ଧୀ ସୁସ୍ଥ ଶରୀରର ଅଧିକାରୀ ହେବା ଲାଗି ସବୁବେଳେ ପୁଷ୍ଟିକର ଖାଦ୍ୟ ଉପରେ ଗୁରୁତ୍ୱ ଦେଉଥିଲେ । ନିରାମିଷ ଖାଦ୍ୟ ସହିତ ଅନୁଶାସିତ ଖାଦ୍ୟ ବ୍ୟବସ୍ଥାର ପାଳନ କରୁଥିଲେ ବାପୁଜି । ତାଙ୍କ ଖାଦ୍ୟରେ ଉଷୁନା ଭାତ, ଡାଲି ଏବଂ ସ୍ଥାନୀୟ ଉତ୍ପାଦିତ ପନିପରିବାର ତରକାରି ରହିଥାଏ । କଞ୍ଚା ଫଳ ଏବଂ ପନିପରିବା ସହିତ ଋତୁକାଳୀନ ପରିବା, ଚିନି ବଦଳରେ ଗୁଡ଼ ଖାଇବାକୁ ପରାମର୍ଶ ଦେଉଥିଲେ ସେ । ଏହା ସହିତ ଛେଳି କ୍ଷୀର ଗାନ୍ଧିଜୀଙ୍କର ଅନ୍ୟତମ ପ୍ରମୁଖ ପୁଷ୍ଟିକର ।



ଛେଳିକ୍ଷୀର ନବଜାତ ଶିଶୁ ପାଇଁ ମା' କ୍ଷୀର ସମାନ ବୋଲି କୁହାଯାଏ । ତେଣୁ ଯଦି କୌଣସି କାରଣରୁ ଶିଶୁ ମା' କ୍ଷୀର ପାଇପାରୁ ନାହିଁ ତେବେ ଡାକ୍ତରଙ୍କ ସହ ପରାମର୍ଶ କରି ତାକୁ ଛେଳି କ୍ଷୀର ଦିଆଯାଇପାରେ । ଏହା ସମ୍ପୂର୍ଣ୍ଣ ପୋଷଣ ଯୋଗାଇବା ସହ ହଜମ ପାଇଁ ସହଜ ।

ଛେଳି କ୍ଷୀରରେ ଥିବା କ୍ୟାଲସିୟମ୍, ପ୍ରୋଟିନ୍, ଫସ୍‌ଫରସ, ଭିଟାମିନ୍ ବି-୨ ଏବଂ ପଟାସିୟମ କେଶ ପାଇଁ ଖୁବ୍ ଉପଯୋଗୀ । ଛେଳି କ୍ଷୀର ପ୍ରୟୋଗରେ ରୂପି ସମସ୍ୟାରୁ ମୁକ୍ତି ମିଳିବା ସହିତ କେଶ ଝଡିବା ବନ୍ଦ ହୋଇ ନରମ ଏବଂ ଉଜ୍ଜଳ ହୋଇଥାଏ ।

ଡେଙ୍ଗୁ, ଚିକନଗୁନିଆ ଆଦି ରୋଗରେ ରୋଗୀଙ୍କ ରକ୍ତରେ ପ୍ଲେଟଲେଟ୍ ସଂଖ୍ୟା ବଢ଼ାଇବା ସହ ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ । ଅତିସାର, କ୍ଷୟ ରକ୍ତପିତ୍ତ, କାଶ ଏବଂ ଜ୍ୱରର ମୁକ୍ତି ଦେବା ଲାଗି ଛେଳିକ୍ଷୀର ଉପଯୋଗୀ । ଏପରିକି କର୍କଟ, ମଧୁମେହ ପରି ରୋଗ ଦୂର କରିବାକୁ ସକ୍ଷମ । ନିୟମିତ ଛେଳି କ୍ଷୀର ପିଇଲେ କର୍କଟ ରୋଗ ହେବାର ଆଶଙ୍କା କମିଯାଏ ।

ଗାଈ କ୍ଷୀର ତୁଳନାରେ ଛେଳି କ୍ଷୀରରେ ଅଧିକ ଫ୍ୟାଟି ଏସିଡ୍ ଥିବାରୁ ଏହା ଶରୀରର ଅତିରିକ୍ତ ଚର୍ବି କମ୍ କରିପାରେ । ତେଣୁ ଓଜନ କମିବା ସହ ମେଦବହୁଳତାରୁ ମୁକ୍ତି ମିଳେ । କୋଲେଷ୍ଟେରଲ ନିୟନ୍ତ୍ରଣ କରିବାରୁ ହୃଦଘାତ, ଷ୍ଟ୍ରୋକ ପରି ବିଭିନ୍ନ ହୃଦଜନିତ ସମସ୍ୟାରୁ ସୁରକ୍ଷା ଦେଇଥାଏ ।

ପୋଷକ ତତ୍ତ୍ୱ ଅପେକ୍ଷା ସେଲେନିୟମ୍ ନାମକ ମିନେରାଲ ଛେଳି କ୍ଷୀରରେ ପ୍ରଚୁର ମାତ୍ରାରେ ରହିଛି । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ସୁଦୃଢ଼ କରିଥାଏ ।

ଏହି କ୍ଷୀରର ପିଏଚ୍ ମଣିଷ ଚର୍ମର ପ୍ରାକୃତିକ ସ୍ତର ପାଖାପାଖି ହୋଇଥିବାରୁ ଚର୍ମ ଏହାକୁ ଭଲ ଭାବେ ଅବଶୋଷଣ କରିପାରେ । ତେଣୁ ଛେଳି କ୍ଷୀର ପିଇଲେ ତ୍ୱଚାରେ କୁଞ୍ଚନ, ଦାଗ ଆଦି ହୁଏ ନାହିଁ ଏବଂ ହୋଇଥିଲେ ଭଲ ହୋଇଯାଏ ।

ଆଣ୍ଟିବ୍ୟାକ୍ଟେରିଆଲ ଗୁଣରେ ଭରପୁର ଥିବା ଛେଳି କ୍ଷୀର ଶରୀରରେ କୌଣସି ପ୍ରକାର ଜଳାପୋଡ଼ା ଏବଂ ଫୁଲାରୁ ମୁକ୍ତିଦେଇଥାଏ । ଏଥିରେ ଥିବା କ୍ୟାଲସିୟମ୍ ଅସ୍ଥି ସଶକ୍ତ କରିବା ସହ ଆମିନୋ ଟ୍ରିପ୍ଟୋଫାନ ଶରୀରକୁ ସୁସ୍ଥ ରଖିବାରେ ସହାୟକ ।

ଛେଳି କ୍ଷୀର ପିଇବା ରକ୍ତଚାପ, ହଜମ ସମସ୍ୟା, ଚକ୍ଷୁରୋଗ ଦୂର କରିବା ସହ ବାନ୍ତି, ଡାଇରିଆ, ପେଟ ଯନ୍ତ୍ରଣା ଏବଂ ଶ୍ୱାସକ୍ରିୟାରେ ସମସ୍ୟା ଦୂର କରିଥାଏ । ପିଲାମାନଙ୍କ ଶାରୀରିକ ଅଭିବୃଦ୍ଧି ଲାଗି ଏହା ଖୁବ୍ ଲାଭଦାୟକ ।

ଧ୍ୟାନ ଦିଅନ୍ତୁ : ଛେଳି କ୍ଷୀର ପିଇବା କେତେକଙ୍କ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ । ଏପରି ହେଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ । ଆବଶ୍ୟକତା ଠାରୁ ଅଧିକ ପିଇବା ଅନୁଚିତ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଛେଳି କ୍ଷୀର ପିଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରିବ ।

# ସ୍ୱାସ୍ଥ୍ୟୋପଯୋଗୀ ତେନ୍ତୁଳି



ପାଟିକୁ ଖଟା ଲାଗିଲେ ସୁଦ୍ଧା ଦେହ ପାଇଁ ହିତକର ତେନ୍ତୁଳି ବା କୟାଁ । ଏହାକୁ ସାଧାରଣତଃ ଖଟା କିମ୍ବା ଆଚାର ପ୍ରସ୍ତୁତିରେ ବ୍ୟବହାର କରାଯାଇଥାଏ । ତେନ୍ତୁଳି ଯେ, କେବଳ ଖାଦ୍ୟର ସ୍ୱାଦ ବଢ଼ାଇଥାଏ ତାହା ନୁହେଁ ବରଂ ଏହାକୁ ସେବନ କରିବା ଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଇଥାଏ । ଖରାଦିନେ ତେନ୍ତୁଳି ପାଣି ଆମକୁ ଲୁ'ରୁ ରକ୍ଷା କରିବା ସହ ଆହୁରି ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗର ଉପଚାର ମଧ କରିଥାଏ । ଏହା ଖାଦ୍ୟ ହଜମ ହେବାରେ ମଧ ସାହାଯ୍ୟ କରିଥାଏ ।

ସାଧାରଣତଃ ତେନ୍ତୁଳିରେ ଭିଟାମିନ୍ ସି, ଇ, ବି ସହିତ କ୍ୟାଲସିୟମ୍, ଆଇରନ୍, ଫସ୍‌ଫରସ୍, ପୋଟାସିୟମ ଏବଂ ଫାଇବର ମାତ୍ରା ଭରପୁର ଥାଏ । ଏହା ସହିତ ଏଥିରେ ଆଣ୍ଟି ଅକ୍ସିଡାଣ୍ଟସ୍ ମଧ ରହିଛି । ଯାହାକି ଆମକୁ ଶରୀରର ଅନେକ ରୋଗକୁ ଦୂର କରିବାରେ ସାହାଯ୍ୟ କରିଥାଏ ।

ତେନ୍ତୁଳିରେ ହାଇଡ୍ରୋସିଟ୍ରିକ୍ ନାମକ ଏସିଡ୍ ଥାଏ । ଯାହା ଓଜନ ହ୍ରାସ କରିବାରେ ମହୌଷଧି ପରି କାମ କରେ । କେବଳ ସେତିକି ନୁହେଁ, ମଧୁମେହ ରୋଗୀଙ୍କ ସୁଗାର ସ୍ତରକୁ ଏହା ସ୍ଥିର ରଖିଥାଏ । ଭିଟାମିନ୍ ସି' ଯୋଗୁଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ଏନେଇ ତେନ୍ତୁଳି ବ୍ୟବହାର ସବୁଠୁ ଭଲ ଉପାୟ । ଏହା ସହିତ ଆମକୁ ଅନ୍ୟାନ୍ୟ ରୋଗ ସଂକ୍ରମଣରୁ ତେନ୍ତୁଳି ଦୂରେଇ ରଖିଥାଏ । ପ୍ରାଚୀନ କାଳରେ ତେନ୍ତୁଳିକୁ ଉତ୍ତମ ପାଚକ ରୂପରେ ଗଣା ଯାଉଥିଲା ।

ଉକ୍ତ ରକ୍ତଚାପ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ ହୋଇଥାଏ । ତେନ୍ତୁଳିରେ ଥିବା ପୋଟାସିୟମ ସୋଡିୟମ ମାତ୍ରାକୁ କମ୍ କରି ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ ।

# ଆପଣ ଜାଣନ୍ତି କି ?

- ଇଜିପ୍ଟରେ କେତେଜଣ ବଇଦ ରୋଗୀର ଦାନ୍ତ ବିନ୍ଧାରେ ମୃତ ମୂଷାଙ୍କ ପେଷ୍ଟ ଲଗାଇଥାନ୍ତି । ସେଠାରେ ବୟସ୍କ ଲୋକଙ୍କ ସହ ଯୁବପିଢ଼ି ମଧ ଏଭଳି ଚିକିତ୍ସା କରାଇବାରେ ଆଦୌ ଦ୍ୱିଧା ପ୍ରକାଶ କରୁ ନଥିବାର ଜଣାପଡିଛି । ଏପରି ପ୍ରକ୍ରିୟାର ଚିକିତ୍ସା ଇଂଲଣ୍ଡର କେତୋଟି ଗ୍ରାମରେ ହୋଇଥାଏ ।
- ଚୀନରେ ପାଣିରେ ରହୁଥିବା ସାପକୁ ଧରି ଆଣ୍ଠୁଗଣ୍ଠି ଚିକିତ୍ସା ପାଇଁ ବ୍ୟବହାର କରାଯାଏ । ୧୯୦୦ ବେଳକୁ ସେଠାରେ ଆରମ୍ଭ ହୋଇଥିବା ଏହି ଚିକିତ୍ସା ପଦ୍ଧତି ଆଜି ମଧ ଚାଲୁଛି । ସାପଗୁଡ଼ିକୁ ବ୍ୟବହାର କରି ଏକ ପ୍ରକାର ତେଲ ପ୍ରସ୍ତୁତ କରାଯାଏ । ଏହି ତେଲ ମାଲିସରେ ଜଣେ ବ୍ୟକ୍ତି ଗଣ୍ଠି ବ୍ୟଥାରୁ ମୁକ୍ତି ପାଏ ।
- ଅଷ୍ଟ୍ରେଲୀୟ ଚିକିତ୍ସକମାନେ କୁମ୍ଭୀର ମଳରୁ ଅନେକ ପ୍ରକାରର ଚିକିତ୍ସା କରିଥାନ୍ତି ।
- ଇଉରୋପର କେତୋଟି ପ୍ରାନ୍ତରେ ୧୬୦୦ ଶତାବ୍ଦୀରୁ ଏକ ଚିକିତ୍ସା ହୋଇ ଆସୁଛି । ମୃତ ବ୍ୟକ୍ତିର ଶବର ହାଡ଼କୁ ଗୁଣ୍ଡ କରି ଏକ ପାଉଡ଼ର ପ୍ରସ୍ତୁତ କରାଯାଏ । ଖଣ୍ଡିଆଖାବରା ସ୍ଥାନରେ ଏହାକୁ ଲଗାଇଲେ ଉପକାର ମିଳେ ବୋଲି ପ୍ରକାଶ । ଆଜି ମଧ ସେଠାରେ ଅଧିକାଂଶ ସ୍ଥାନରେ ଥିବା ଔଷଧ ଦୋକାନରେ ଏହି ପାଉଡ଼ର ଉପଲବ୍ଧ ।
- ସେକ୍ସପିଅରଙ୍କ କନ୍ୟା ସଂପୂର୍ଣ୍ଣ ଅଶିକ୍ଷିତ ଥିଲେ ।
- ସେକ୍ସପିଅର୍ ଗଞ୍ଜେଇ ସେବନ କରୁଥିଲେ ।
- ତାଙ୍କର ଜନ୍ମ ଓ ମୃତ୍ୟୁ ଗୋଟିଏ ତାରିଖରେ ହୋଇଥିଲା । ଇଂରେଜୀ ଶବ୍ଦ You ର ସଂକ୍ଷିପ୍ତ ରୂପ 'u' ପ୍ରଥମେ ସେ ବ୍ୟବହାର କରିଥିଲେ ।

# କହିପାରିବେ କି ?

(୧) ରାଷ୍ଟ୍ରୀୟ ମାନବାଧିକାର ଆୟୋଗର ନୂଆ ଅଧ୍ୟକ୍ଷଙ୍କ ନାମ କ'ଣ ?
(୨) ଚୀନର କୃତ୍ରିମ ସୂର୍ଯ୍ୟ କାହାକୁ କୁହାଯାଉଛି ?
(୩) ଭଗବାନ ରାମ, ଲକ୍ଷ୍ମଣ ଓ ଦେବୀ ସୀତା ବନବାସ ସମୟରେ କେଉଁ ଜଙ୍ଗଲରେ ରହିଥିଲେ ?
(୪) ଗଣଦେବତାର ରଚୟିତା କିଏ ?
(୫) ବିଶ୍ୱ ଖାଦ୍ୟ ଦିବସ କେବେ ପାଳନ ହୁଏ ?
(୬) ଡିନାମାଇଟ୍ ଆବିଷ୍କାର କିଏ କରିଥିଲେ ?
(୭) ଇଂଲଣ୍ଡରେ ଗୃହ ଯୁଦ୍ଧ କେତେ ବର୍ଷ ଧରି ଚାଲିଥିଲା ?
(୮) ରାଜା ହର୍ଷବର୍ଦ୍ଧନ ତାଙ୍କ ଧାର୍ମିକ ସଭାର ଆୟୋଜନ କେଉଁଠି କରିଥିଲେ ?
(୯) ଗରିବୀ ହଟାଓ ନାରା କିଏ ଦେଇଥିଲେ ?
(୧୦) ମୋବାଇଲ ଫୋନରେ ଭାରତର ପ୍ରଥମ ଡିଜିଟାଲ ବ୍ୟାଙ୍କର ଶୁଭାରମ୍ଭ କେଉଁ ବ୍ୟାଙ୍କ କରିଥିଲା ?

## JUMBLE WORDS

| | | | | | |
|---|---|---|---|---|---|
| 1) CESKTO | = | | 6) GRAAUJ | = | |
| 2) CANLYU | = | | 7) TAMLE | = | |
| 3) CIBRH | = | | 8) SAAIL | = | |
| 4) CRNUH | = | | 9) RHITTS | = | |
| 5) PNNKIA | = | | 10) UJRINO | = | |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୫,୨. କୁନ୍ତୀ, ୩. ନକୁଳ ଓ ଶହଦେବ, ୪. କର୍ଣ୍ଣ, ୫.୧୦୦, ୬. ଦୁଶଳା, ୭. ଶ୍ରୀକୃଷ୍ଣ ଅର୍ଜୁନଙ୍କୁ, ୮. ୭ହଜାର ବର୍ଷ ପୂର୍ବେ, ୯. ୧୮ଟି, ୧୦. ଧୃତରାଷ୍ଟ୍ର ଓ ସଞ୍ଜୟ ।

***Jumble Words*** **ର ଉତ୍ତର :-**

(1) WITTY (2) BOXER (3) ENGINE (4) SEASON (5) POUND
(6) BOGUS (7) RANCID (8) JUNGLE (9) RATIO (10) FUDGE

# ଇ-ଗେମ ମଞ୍ଚର ଲୋକପ୍ରିୟତା

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ମନୋରଞ୍ଜନ ଶିଳ୍ପରେ ବିଭିନ୍ନ ମଞ୍ଚର ଲୋକପ୍ରିୟତା ପ୍ରାୟତଃ ବୟସଭିତ୍ତିକ । ଅର୍ଥାତ ନିର୍ଦ୍ଦିଷ୍ଟ ବୟସ ବର୍ଗର ପାଠକ, ଶ୍ରୋତା, ଦର୍ଶକ ନିର୍ଦ୍ଦିଷ୍ଟ ମଞ୍ଚରେ ବହୁଳ ସଂଖ୍ୟାରେ ସଂପୃକ୍ତ । ସାଧାରଣତଃ ଯୁବ ସଂପ୍ରଦାୟ କ୍ରୀଡ଼ାରେ ଉଭୟ ଅଂଶଗ୍ରହଣ ଓ ଦର୍ଶକଭାବେ ଆଗ୍ରହାନ୍ୱିତ । ଭାରତରେ ସପ୍ତମ ଦଶକରୁ ରେଡ଼ିଓ ଓ ନବମ ଦଶକରୁ ଟେଲିଭିଜନରେ କ୍ରିକେଟ ଭଳି ଖେଳର ଧାରାବିବରଣୀ ପ୍ରସାରଣ ବିସ୍ତୃତ ଶ୍ରୋତା ଓ ଦର୍ଶକବର୍ଗ ପ୍ରସ୍ତୁତ କରିଥିଲା । ତେବେ ଏକବିଂଶ ଶତାବ୍ଦୀ ଆରମ୍ଭରୁ ଇଣ୍ଟରନେଟ ଓ ସ୍ମାର୍ଟଫୋନ ପ୍ରସାର ପରେ ଇ-ଗେମ ବା ଅନଲାଇନ ଭିଡ଼ିଓ ଗେମ ମନୋରଞ୍ଜନ ପରିବେଶରେ ଏକ ନୂତନ ସମୀକରଣ ସୃଷ୍ଟି କରିଛି ।

କୁହାଯାଉଛି ଯେ ୨୦୨୧ ସୁଦ୍ଧା ଦେଶର ୧୫ ବର୍ଷରୁ ୨୪ ବର୍ଷ ବୟସ୍କ ୧୯୯୭ ରୁ ୨୦୦୬ ମଧ୍ୟରେ ଜନ୍ମଗ୍ରହଣ କରିଥିବା 'ଜେନେରେସନ-ଜେଡ଼'ଙ୍କ ମଧ୍ୟରେ ଇ-ଗେମ ମନୋରଞ୍ଜନର ପ୍ରଥମ ପସନ୍ଦ । ଏହି କ୍ରମରେ ଦ୍ୱିତୀୟରେ ସଂଗୀତ, ତୃତୀୟରେ ଅନଲାଇନ ବ୍ରାଉଜିଂ, ଚତୁର୍ଥରେ ସୋସିଆଲ ମିଡ଼ିଆ ଏବଂ ପଞ୍ଚମରେ ଟେଲିଭିଜନ ଓ ଚଳଚିତ୍ରର ସ୍ଥାନ ଚିହ୍ନଟ ହୋଇଥାଏ । ସମସାମୟିକ କିଶୋର ଓ ଯୁବବର୍ଗ ଟେଲିଭିଜନ ଓ ସିନେମା ତୁଳନାରେ ଢ଼େର ଅଧିକ ସମୟ ଇ-ଗେମରେ ସମୟ ବିତାଉଛନ୍ତି ।

ଭାରତରେ ମୋଟ ଜନସଂଖ୍ୟାର ଅର୍ଦ୍ଧେକ ୨୫ ବର୍ଷ ବୟସରୁ କମ କିଶୋର ଓ ଯୁବ ବର୍ଗ ଏବଂ ମୋଟ ଇ-ଗେମରଙ୍କ ମଧ୍ୟରୁ ୬୦ ପ୍ରତିଶତ ୨୫ ବର୍ଷ ବୟସରୁ କମ ଉପଭୋକ୍ତା ହିସାବ କରାଯାଇଥାଏ । ଖ୍ୟାତନାମା ଗବେଷଣା ସଂସ୍ଥା କେପିଏମଜି ପକ୍ଷରୁ ପ୍ରକାଶିତ ଗଣମାଧ୍ୟମ ଓ ମନୋରଞ୍ଜନ ରିପୋର୍ଟ ୨୦୨୦ ଅନୁଯାୟୀ ଦେଶରେ ଇ-ଗେମ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୩୬ କୋଟି ୫୦ ଲକ୍ଷ ।

ଇ-ଗେମ ମଞ୍ଚର ବାର୍ଷିକ ଅଭିବୃଦ୍ଧି ହାର ୨୦୧୬ରୁ ୨୦୨୦ ଯାଏଁ ଧାରାବାହିକ ଭାବେ ପାଞ୍ଚ ବର୍ଷ ଧରି ୧୫ ପ୍ରତିଶତ ରହିଥିବା ସ୍ଥଳେ ଆୟ ଚଳଚିତ୍ର ଶିଳ୍ପର ଆୟକୁ ୨୦୨୦ରେ ଅତିକ୍ରମ କରିବାରେ ସମର୍ଥ ହୋଇଥିଲା । ଅବଶ୍ୟ ମହାମାରୀରେ ଚଳଚିତ୍ର ପ୍ରେକ୍ଷାଳୟଗୁଡ଼ିକ ବନ୍ଦ ରହିଥିବା ହେତୁ ଆୟ ସଂକୋଚନ ଘଟିଥିଲା ଏବଂ ୨୦୨୩ ସୁଦ୍ଧା ଚଳଚିତ୍ର ଶିଳ୍ପର ଆୟ ପୂର୍ବ ଅବସ୍ଥାକୁ ଫେରିଯିବା ଆକଳନ କରାଯାଇଥାଏ । 'ଫିକି'ର ହିସାବ ଅନୁଯାୟୀ ୨୦୧୯ରେ ଇ-ଗେମିଂ ଆୟ ୬ ହଜାର ୫ ଶହ କୋଟି ଟଙ୍କା ଥିବା ସ୍ଥଳେ ୨୦୨୦ରେ ୭ ହଜାର ୬ ଶହ, ୨୦୨୧ରେ ୯ ହଜାର ୯ ଶହ ଏବଂ ୨୦୨୩ରେ ୧୫ ହଜାର ୫ ଶହ କୋଟି ଟଙ୍କାରେ ପହଞ୍ଚିବ ।

ଇ-ଗେମ ମଞ୍ଚର ଦ୍ରୁତ ପ୍ରସାର ନିମନ୍ତେ ଇଣ୍ଟରନେଟ ସଂଯୁକ୍ତି ଓ ସ୍ମାର୍ଟଫୋନ ବ୍ୟବହାର ଅନୁକୂଳ ପରିବେଶ ସୃଷ୍ଟି କରିଥିଲା । ଉପଭୋକ୍ତାମାନଙ୍କ ଖର୍ଚ୍ଚ ଅଭ୍ୟାସ ବୃଦ୍ଧି ସାଙ୍ଗକୁ ନୂତନ ଖେଳ ବିକାଶ ତଥା ତତ୍ ଜନିତ ମାଦକତାକୁ ମଧ୍ୟ ଦାୟୀ କରାଯାଏ । କୋଭିଡ଼-୧୯ ଜନିତ ଦୀର୍ଘକାଳ ଗୃହାବଦ୍ଧ ଅବସ୍ଥା ଇ-ଗେମ ଏକ ପ୍ରମୁଖ ମନୋରଞ୍ଜନର ମାଧ୍ୟମ ରୂପେ ବିକଶିତ ହେବା ନିମନ୍ତେ ସୁଯୋଗ ଉନ୍ମୁକ୍ତ କରିଥିଲା । ନିକଟ ଭବିଷ୍ୟତରେ ୫ଜି ଟେଲି ଯୋଗାଯୋଗ ବୈଷୟିକ କୌଶଳ ପ୍ରଚଳନ ଫଳରେ ଅବିରତ ଇଣ୍ଟରନେଟ ପ୍ରବାହ 'ନନ-ଇଣ୍ଟରେପ୍ଟେଡ଼ ଇଣ୍ଟରନେଟ ଫ୍ଳୋ' ଓ ଶକ୍ତିଶାଳୀ ଡ଼ାଉନଲୋଡ଼ ବ୍ୟବସ୍ଥା ଇ-ଗେମର ଗୁଣାତ୍ମକ ଅଭିବୃଦ୍ଧିରେ ସହାୟକ ହେବା ନିଶ୍ଚିତ । ଭାରତରେ ଇ-ଗେମର ପଜଲ, ଏକସନ ଓ ଏଡ଼ଭେଞ୍ଚର ବିଷୟ କେନ୍ଦ୍ରୀକ ଉପାଦ ଲୋକପ୍ରିୟ । ପୌରାଣିକ ଆଖ୍ୟାନ 'ମାଇଥାଲଜି' ଠାରୁ ଆରମ୍ଭ କରି ସମସାମୟିକ ଘଟଣାବଳୀ 'କରେଣ୍ଟ ଏଫାୟର୍ସ' ଯାଏଁ ବିଭିନ୍ନ ବିଷୟବସ୍ତୁ ଆଧାରିତ ନୂଆ ଇ-ଗେମ ଅନବରତ ଉନ୍ମୋଚିତ ହୋଇଥାଏ । ଭର୍ଚୁଆଲ ରିଆଲିଟି ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପଯୋଗରେ ଇ-ଗେମଗୁଡ଼ିକୁ ପ୍ରାକୃତିକ-ପ୍ରାୟ 'ନିଅର-ନେଚୁରାଲ' ଓ ଆକର୍ଷଣୀୟ କରିବା ନିମନ୍ତେ ପ୍ରୟାସ ଜାରୀ ରହିଛି ।

ଇ-ଗେମ କ୍ଷେତ୍ରରେ ଗବେଷଣାରତ 'ଲାଇମଲାଇଟ' ନାମକ ପ୍ରତିଷ୍ଠାନ ପକ୍ଷରୁ ପ୍ରକାଶିତ 'ଷ୍ଟେଟ ଅଫ ଅନଲାଇନ ଗେମିଂ ୨୦୨୧' ରିପୋର୍ଟରେ ଭାରତୀୟ ଇ-ଗେମରମାନେ ସପ୍ତାହକୁ ହାରାହାରି ସାଢ଼େ ଆଠ ଘଣ୍ଟା (୮.୬୧) ଯାଏଁ ଖେଳୁଥିବା କୁହାଯାଏ । ଆନ୍ତର୍ଜାତିକ ସ୍ତରରେ ଇ-ଗେମରରେ ସମୟ ବିନିଯୋଗରେ ଆମ ଦେଶ ତୃତୀୟ ସ୍ଥାନ ଅଧିକାର କରେ । ପ୍ରଥମ ସ୍ଥାନିତ ଚୀନ ଇ-ଗେମରମାନେ ସାପ୍ତାହିକ ସାଢ଼େ ବାରଘଣ୍ଟା (୧୨.୩୯) ଏବଂ ଦ୍ୱିତୀୟ ସ୍ଥାନରେ ଭିଏତନାମ ଇ-ଗେମରମାନେ ଦଶ ଘଣ୍ଟାରୁ ସାମାନ୍ୟ ଅଧିକ ସମୟ (୧୦.୧୬) ଖେଳରେ ସଂପୃକ୍ତ ରହିଥାନ୍ତି ।

'ଲାଇମଲାଇଟ' ଗଣନା ଅନୁଯାୟୀ ଆମ ଦେଶରେ ୪୭ ପ୍ରତିଶତ ସାମୟିକ 'କାଜୁଆଲ'ଭାବେ ଇ-ଗେମ ଖେଳୁଥିବା ସ୍ଥଳେ ୩୬.୯ ପ୍ରତିଶତ ଖେଳରେ ଧୁରନ୍ଧର 'ଏକ୍ସପାର୍ଟ' ଏବଂ ୧୦ ପ୍ରତିଶତ ପେଷାଦାର 'ପ୍ରଫେସନାଲ' ଭାବେ ନିଜକୁ ବର୍ଗୀକୃତ କରିଥାନ୍ତି । ଅନ୍ୟତମ ଗବେଷଣା ସଂସ୍ଥା 'ଡ଼ିଲଏଟ' ଭାରତରେ ଇ-ଗେମ ଖେଳାଳୀଙ୍କ ସଂଖ୍ୟା ବାର୍ଷିକ ଭିତ୍ତିରେ ୪୦ ପ୍ରତିଶତ ଯାଏଁ ବୃଦ୍ଧି ପାଉଥିବା ଉଲ୍ଲେଖ କରିଛି । ଚଳଚିତ୍ର ତୁଳନାରେ ଇ-ଗେମର ଲୋକପ୍ରିୟତା ଆନ୍ତର୍ଜାତିକ ସ୍ତରରେ ବୃଦ୍ଧି ପାଇଛି । କେତେକ ହିସାବ ଅନୁଯାୟୀ ଇ-ଗେମ ବ୍ୟବସାୟ ଚଳଚିତ୍ର ଶିଳ୍ପ ଆୟର ଚାରିଗୁଣାରେ ପହଞ୍ଚି ସାରିଥିବା ଦର୍ଶାଯାଇଥାଏ ।

ଇ-ଗେମ ଖେଳିବା ପାଇଁ ଭାରତୀୟ ଉପଭୋକ୍ତାମାନେ ମୁଖ୍ୟତଃ ମୋବାଇଲ ସ୍ମାର୍ଟଫୋନ ବ୍ୟବହାର କରିଥାନ୍ତି । 'ଲାଇମଲାଇଟ' ରିପୋର୍ଟ ଅନୁଯାୟୀ ୮୫ ପ୍ରତିଶତ ମୋବାଇଲ, ୧୧ ପ୍ରତିଶତ ଡ଼େସ୍କଟପ ପରସନାଲ କମ୍ପ୍ୟୁଟର ଏବଂ ୪ ପ୍ରତିଶତ ଯାଏଁ ଟେବଲେଟରେ ଇ-ଗେମ ଖେଳିଥାନ୍ତି । ଭାରତରେ 'ପବଜି' ସର୍ବାଧିକ ଲୋକପ୍ରିୟ ଇ-ଗେମର ମାନ୍ୟତା ପାଇଥିଲା । ଏହି ଖେଳରେ ତିନିକୋଟି ଚାଳିଶି ଲକ୍ଷ ଯାଏଁ ଖେଳାଳୀ ଯୋଡ଼ି ହୋଇଥିଲେ ।

ଭାରତରେ ଇ-ଗେମ ଶିଳ୍ପ ମୁଖ୍ୟତଃ ବିଜ୍ଞାପନ ପ୍ରଦର୍ଶନଜନିତ ଆୟରେ ସମୃଦ୍ଧ । ଅଧିକାଂଶ ଇ-ଗେମ ବିନାମୂଲ୍ୟରେ ଖେଳିବାକୁ ସୁଯୋଗ ପ୍ରଦାନ କରିଥାନ୍ତି । ଖେଳ ସମୟରେ ପ୍ରଦର୍ଶନ ବିଜ୍ଞାପନରୁ ଗେମ ପ୍ରାୟୋଜକ ଅର୍ଥ ଉପାର୍ଜନ ହୁଏ । ଆପ୍ଲିକେସନ ଭିତ୍ତିକ 'ଇନ-ପର୍ଚ୍ଚେଜ'ରୁ ସାମାନ୍ୟ ମାତ୍ରାରେ ମଧ୍ୟ ଆୟ ହୋଇଥାଏ । ଇ-ଗେମ ଶିଳ୍ପରେ ଅଭିବୃଦ୍ଧି ହାର ୨୦୨୧ ସୁଦ୍ଧା ବିଗତ ତିନି ବର୍ଷରେ ୬୦ ପ୍ରତିଶତ ହିସାବ କରାଯାଏ । ବିଶ୍ଲେଷକଙ୍କ ତଥ୍ୟ ଅନୁଯାୟୀ ୨୦୧୦ ବେଳକୁ ଦେଶରେ ମାତ୍ର ୨୫ ଗୋଟି ଇ-ଗେମ କମ୍ପାନୀ ଥିବା ସ୍ଥଳେ ୨୦୨୦ରେ ଇ-ଗେମ ପ୍ରସ୍ତୁତି ଓ ବିତରଣ ସଂସ୍ଥା ସଂଖ୍ୟା ୨୭୫ରେ ପହଞ୍ଚିଥିଲା । କ୍ରମଶଃ ଇ-ଗେମ ଖେଳାଳୀମାନେ ଗ୍ରାହକ ଚାନ୍ଦା 'ସବସ୍କ୍ରିପସନ' ଦେବା ନିମନ୍ତେ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳେ । 'କନଫେଡ଼େରେସନ ଅଫ ଇଣ୍ଡିଆନ ଇଣ୍ଡଷ୍ଟ୍ରୀ'ର 'ଇଣ୍ଡିଆନ ଡ଼ିଜିଟାଲ ଗେମିଂ ସୋସାଇଟି'ର ଅଧ୍ୟକ୍ଷ ରାଜନ ନଭମୀଙ୍କ ସୂଚନା ଅନୁଯାୟୀ ପ୍ରାୟ ୪୫ ପ୍ରତିଶତ ଇ-ଗେମ ଉପଭୋକ୍ତା ଦେୟଯୁକ୍ତ ଖେଳରେ ମନୋନିବେଶ କରୁଛନ୍ତି । ଏହି ପରିବେଶ ପର୍ଯ୍ୟାୟକ୍ରମେ ଇ-ଗେମ ମଞ୍ଚକୁ ସ୍ୱାବଲମ୍ବୀ ଗଢ଼ିତୋଳିବା ଆଶା କରାଯାଏ ।

## ଧ୍ୟାନମୂଳଂ...

ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ

ମୋତେ ଶାପ ଭୟରେ କମ୍ପୁଥିବାର ଦେଖି ତାଙ୍କ ହୃଦୟରେ ବଡ଼ ସନ୍ତାପ ଉତ୍ପନ୍ନ ହେଲା । ସେତେବେଳେ ପ୍ରେମର ସହିତ ଦଣ୍ଡବତ କରି ମୋର ଗୁରୁ ଭଗବାନ ଶିବଙ୍କ ସାମନାରେ ହାତ ଯୋଡି ମୋର ଭୟଙ୍କର ଗତିର ବିଚାର କରି, ମୋତେ ଶାପମୁକ୍ତ କରିବା ପାଇଁ ଗଦଗଦ୍ ବାଣୀରେ ବିନତୀ କରିବାରେ ଲାଗିଲେ । ସେ ରୁଦ୍ରାଷ୍ଟକମ୍ ଗାନ କରି ଶିବଙ୍କର ସ୍ତୁତି କରିବାରେ ଲାଗିଲେ । ଏତିକି ବେଳେ ମନ୍ଦିରରେ ଆକାଶବାଣୀ ହେଲା ହେ ଦ୍ୱିଜଶ୍ରେଷ୍ଠ । ବର ମାଗ । ଏହା ଶୁଣି ମୋର ଗୁରୁଜୀ କହିଲେ 'ହେ ପ୍ରଭୁ । ଯଦି ଆପଣ ମୋ ଉପରେ ପ୍ରସନ୍ନ ଆଉ ହେନାଥ । ଯଦି ଏଇ ଦୀନ ଉପରେ ଆପଣଙ୍କର ସ୍ନେହ ଅଛି ତାହେଲେ ପ୍ରଥମେ ନିଜ ଚରଣର ଭକ୍ତି ଦେଇ, ତାପରେ ମୋତେ ଦ୍ୱିତୀୟ ବର ଦିଅନ୍ତି । ହେ ପ୍ରଭୁ! ଏଇ ଅଜ୍ଞାନ ଜୀବ ଅର୍ଥାତ୍ ମୋ ଶିଷ୍ୟ କାକଭୁଶୁଣ୍ଡି, ଆପଣଙ୍କ ମାୟାରେ ବଶ ହୋଇ ନିରନ୍ତର ତନ୍ମୟ ହୋଇ ବୁଲୁଛି । ହେ କୃପାର ସମୁଦ୍ର ଭଗବାନ୍ । ତା' ଉପରେ କ୍ରୋଧ କରନ୍ତୁ ନାହିଁ । ହେ ଦୀନମାନଙ୍କ ଉପରେ ଦୟା କରୁଥିବା ଶଙ୍କର ଏବେ ତା' ଉପରେ କୃପାଳୁ ହୁଅନ୍ତୁ, ଯଦ୍ୱାରା ହେ ନାଥଃ ଅଳ୍ପ ସମୟ ମଧ୍ୟରେ ଶାପ ଭୋଗ କରି ସେ ଶାପମୁକ୍ତ ହୋଇଯିବ ।

ଅନ୍ୟମାନଙ୍କ ହିତରେ ଓତପ୍ରୋତ ବ୍ରହ୍ମଙ୍କ ବାଣୀ ଶୁଣି ପୁରି ଆକାଶବାଣୀ ହେଲା - ସେ ଭୟାନକ ପାପ କରିଛି ଓ ମୁଁ ବି ତାକୁ କ୍ରୋଧ କରି ଶାପ ଦେଇ ଦେଇଛି, ତଥାପି ତୁମର ସାଧୁତା ଦେଖି ମୁଁ ତା' ଉପରେ ବିଶେଷ କୃପା କରିବି ।

ଏହିପରି ଆମେ ଦେଖୁ ଯେ ଗୁରୁ ପ୍ରତ୍ୟେକ ସ୍ଥିତିରେ ନିଜ ଶିଷ୍ୟର କଲ୍ୟାଣ ହିଁ ଚାହାନ୍ତି ଏବଂ ନିଜ ଶିଷ୍ୟର କଲ୍ୟାଣ ନିମନ୍ତେ ସେ ନିଜର ସବୁ କିଛି ତ୍ୟାଗ କରି ଦିଅନ୍ତି । ନିଜର ଶିଷ୍ୟ ପ୍ରତି ଏତେ ମୁକ୍ତ ପ୍ରେମ ଗୁରୁଙ୍କ ବ୍ୟତୀତ ଆଉ କିଏ କରି ପାରିବ ? ଯେପରି ଗାଈ ନିଜ ଥନର ମିଠା ମିଠା ଦୁଧ ନିଜର ବାଛୁରୀକୁ ପିଆଇବା ପାଇଁ ବ୍ୟାକୁଳ ହୋଇଥାଏ, ସେହିପରି ସଦଗୁରୁ ମଧ୍ୟ ନିଜ ଜ୍ଞାନର ଅମୃତ ନିଜର ସଚ୍ଚା ଶିଷ୍ୟକୁ ଦେବା ପାଇଁ ବ୍ୟାକୁଳ ରହିଥାନ୍ତି ଏବଂ ଯେତେବେଳେ ତାଙ୍କୁ ସଚ୍ଚା ଶିଷ୍ୟ ମିଳିଯାଏ, ସେତେବେଳେ ତାଙ୍କ ପ୍ରସନ୍ନତାର କୌଣସି ସୀମା ରହେ ନାହିଁ । ସେଥିପାଇଁ ତ ଯେତେବେଳେ ଶ୍ରୀରାମକୃଷ୍ଣ ପରମହଂସ ଦକ୍ଷିଣେଶ୍ୱରରେ ତାଙ୍କର ଦର୍ଶନ କରିବାକୁ ଆସିଥିବା ନରେନ୍ଦ୍ର ରୂପେ ଜଣେ ସଚ୍ଚା ଶିଷ୍ୟକୁ ଦେଖିଲେ ସେତେବେଳେ ସେ ନରେନ୍ଦ୍ରଙ୍କ ହାତ ଧରି ପକାଇଲେ ଓ ତାଙ୍କୁ ମନ୍ଦିରର ଉତ୍ତର ବାରଣ୍ଡାକୁ ନେଇଗଲେ । ନରେନ୍ଦ୍ର ଭଳି ଶିଷ୍ୟକୁ ପାଇ ତାଙ୍କ ଆଖିରୁ ପ୍ରେମାଶ୍ରୁର ଧାର ବୋହିଗଲା କାରଣ କ୍ଷଣିକ ମଧ୍ୟରେ ହିଁ ସେ ନିଜର ଭାବୀ ସନ୍ଦେଶବାହକକୁ ଚିହ୍ନି ଗଲେ । ତାଙ୍କ ଆଖିରୁ ଅଶ୍ରୁର ଧାର ବୋହୁଥିବାର ଦେଖି ନରେନ୍ଦ୍ରଙ୍କର ବିସ୍ମୟର ସୀମା ରହିଲା ନାହିଁ ।

ଶ୍ରୀରାମକୃଷ୍ଣ କହିଲେ ଆହା! ତୁ ଏତେ ଦିନ ପରେ ଆସିଲୁ । ତୁ ତ ବଡ଼ ନିର୍ଦ୍ଦୟରେ । ସେଥିପାଇଁ ତୁ ଏତେ ପ୍ରତୀକ୍ଷା କରାଇଲୁ । ବିଷୟୀ ଲୋକଙ୍କର ବ୍ୟର୍ଥ କଥା ଶୁଣି ଶୁଣି ମୋ କାନ ପୋଡ଼ି ଗଲାଣି । ହୃଦୟର କଥା କାହାରିକୁ କହି ନ ପାରିବା କାରଣରୁ କେତେ ଦିନ ହେଲା ମୋର ପେଟ ଫୁଲିଛି । ତାପରେ ଶ୍ରୀରାମକୃଷ୍ଣ ନିଜ କୋଠରିରୁ କିଛି ଲଡ଼ୁ ଆଣି ତାଙ୍କୁ ନିଜ ହାତରେ ଖୁଆଇ ଦେଲେ ଓ ତାଙ୍କୁ ପୁନଶ୍ଚ ଦକ୍ଷିଣେଶ୍ୱର ଆସିବା ପାଇଁ କହିଲେ ।

ଯଦି ଜୀବନରେ ଆମକୁ ସଦଗୁରୁଙ୍କ ପ୍ରାପ୍ତି ହୋଇଯାଏ, ସଦଗୁରୁଙ୍କ କୃପା ପ୍ରାପ୍ତ ହୋଇଯାଏ ତାହେଲେ ଆମ ପାଇଁ କିଛି ବି ପ୍ରାପ୍ତ କରିବା ବାକି ରହେ ନାହିଁ, କାରଣ ସଦଗୁରୁଙ୍କ ଜ୍ଞାନ ପାଇ ଶିଷ୍ୟ ସବୁ କିଛି ପ୍ରାପ୍ତ କରିନିଏ । ଆବଶ୍ୟକ ହେଉଛି ଆମେ ମଧ୍ୟ ଜଣେ ସଚ୍ଚା ଶିଷ୍ୟ ହେବା, ସମର୍ପିତ ଶିଷ୍ୟ ହେବା, ଶ୍ରଦ୍ଧାଳୁ ଶିଷ୍ୟ ହେବା, ଠିକ୍ ନରେନ୍ଦ୍ରଙ୍କ ପରି । ଯଦି ଏପରି ହୋଇଗଲା ତାହେଲେ ଆମେ ବି ନରେନ୍ଦ୍ରଙ୍କ ଭଳି ବିବେକାନନ୍ଦ ହୋଇ ପାରିବା । ଆମେ ବି ନିଜ ଗୁରୁଙ୍କ କୃପା ପ୍ରସାଦର ଅଧିକାରୀ ହୋଇ ପାରିବା । ଆମେ ମଧ୍ୟ ଭବସାଗରକୁ ପାର କରି ପାରିବା ।

## ଶରୀର ପାଇଁ ଲାଭକାରୀ ଗୁଡ଼

ଆମ ହଜମ ପ୍ରକ୍ରିୟାକୁ ସର୍ବୋତ୍କୃଷ୍ଟ କରିବାରେ ଗୁଡ଼ର ପ୍ରମୁଖ ଭୂମିକା ରହିଛି । ଭଲ ଭାବେ ଖାଦ୍ୟ ହଜମ ନ ହେବା କାରଣରୁ ହିଁ ଓଜନ ବଢ଼ିଥାଏ । ଏଣୁ ଗୁଡ଼ ଖାଇଲେ ଖାଦ୍ୟ ହଜମ ହେବା ସହ ପାକସ୍ଥଳୀକୁ ଭଲଭାବେ କାର୍ଯ୍ୟକ୍ଷମ କରାଏ ।

ଯକୃତକୁ ପରିଷ୍କାର କରିବାରେ ଗୁଡ଼ର ଗୁରୁତ୍ୱ ଥିବାର ଖାଦ୍ୟ ବିଶେଷଜ୍ଞଙ୍କ ମତ । ମଦ ବା ନିଶାସେବନ କରୁଥିବା ଲୋକେ ପ୍ରତ୍ୟହ ଗୁଡ଼ ଖାଇବା ଉତ୍ତମ ।

ପୋଟାସିୟମ ଭରପୁର ଗୁଡ଼ ଖାଇଲେ ଶରୀରକୁ ଶକ୍ତି ମିଳେ । ଗର୍ଭବତୀମାନେ ନିୟମିତ ଏଇ ଗୁଡ଼ ଖାଇବା ଖୁବ୍ ଭଲ । ଏହା ଗର୍ଭସ୍ଥ ଶିଶୁକୁ ମଧ୍ୟ ପୋଷଣ ଯୋଗାଇଥାଏ ।



# ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ କାରଖାନାରୁ ନିର୍ଗତ ପାଉଁଶ ପକାଇବା ନେଇ ଅସନ୍ତୋଷ

ସୁନ୍ଦରଗଡ଼ : ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ କଳକାରଖାନାରୁ ନିର୍ଗତ ପାଉଁଶଗୁଣ୍ଡ ପଡୋଶୀ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ପକା ଯାଉଥିବା ଯୋଗୁଁ ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି । ଝାରସୁଗୁଡ଼ାର କିଛିବ୍ୟକ୍ତି ଏହି ପାଉଁଶଗୁଣ୍ଡ ସବୁ ଏଭଳି ବେଆଇନ ଭାବେ ପାହାଡ଼ ଭଳି ଗଦା କରି ପକାଉଥିବାରୁ ଜନଜୀବନ ଉପରେ ଏହାର ପ୍ରତିକୂଳ ପ୍ରଭାବ ପକାଇବା ସହ ଚାଷ କାର୍ଯ୍ୟ ମଧ ବାଧାପ୍ରାପ୍ତ ହେଉଛି । ବିଭିନ୍ନ ରାସ୍ତାପାର୍ଶ୍ୱ ଓ ଚାଷଜମି ନିକଟରେ ଏହି ପାଉଁଶଗୁଣ୍ଡ ସବୁ ପାହାଡ଼ଭଳି ଗଦା କରାଯାଉଛି । ଫଳରେ ପାଉଁଶଗୁଣ୍ଡ ଉଡି ପରିବେଶ ପ୍ରଦୂଷଣ ଭୟଙ୍କର ଭାବେ ବୃଦ୍ଧି ପାଉଛି । ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ ଭକ୍ଷ୍ମା, ଅବନକେଲା ଅଞ୍ଚଳର ଏହି ବେଆଇନ ପାଉଁଶଗୁଣ୍ଡ ଯୋଗୁଁ ଅତିଷ୍ଠ ଅଞ୍ଚଳବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ଏହାର ପ୍ରତିକାର ପାଇଁ ଦାବି କରିଛନ୍ତି । ଅବନକେଲା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ୧ ସପ୍ତାହ ହେବ ଭକ୍ଷ୍ମା ରେମଣ୍ଡା ରାସ୍ତାର ଚାଷଜମି ପାଣି ନିଷ୍କାସନ ପାଇଁ ରହିଥିବା ପୋଲର ବାଟକୁ ଏହି ପାଉଁଶ ପକାଇ ବନ୍ଦ କରି ଦିଆଯାଇଛି । ଉକ୍ତ ପୋଲଦେଇ ପାଣି ନିଷ୍କାସିତ ହୋଇ ନ ପାରିବା ଫଳରେ ଚାଷ ଜମିଗୁଡିକ ଜଳାର୍ଣ୍ଣବ ହୋଇ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଏହି ପାଉଁଶ ପକାଯାଇ ରାସ୍ତା ବନ୍ଦ କରାଯାଇଥିବା ପୋଲରୁ ମାତ୍ର ୩ଶହ ମିଟର ଉପରେ ଅବନକେଲା ପିକନିକ ସ୍ପଟ ନଦୀ ବାଲିଘାଟକୁ ରାସ୍ତା ରହିଥିବାରୁ ଏହି ରାସ୍ତା ମଧ ବୁଡ଼ିଯିବାର ସମ୍ଭାବନା ରହିଛି । ଏଣୁ ପାଉଁଶଗୁଣ୍ଡ ପକାଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଗ୍ରାମବାସୀଙ୍କ ପକ୍ଷରୁ ସଦର ଉପଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରାଯାଇଛି ।

# ରେଡ଼କ୍ରସ ସୋସାଇଟି ତରଫରୁ ରକ୍ତଦାନ ଶିବିର

ସୁନ୍ଦରଗଡ଼ : ଭାରତୀୟ ରେଡ଼କ୍ରସ ସୋସାଇଟି ସୁନ୍ଦରଗଡ଼ ଶାଖା ତରଫରୁ ସଦର ବ୍ଲକ ଅନ୍ତର୍ଗତ କୁଲଟା ଗ୍ରାମ ପଞ୍ଚାୟତ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ରକ୍ତଦାନ କରିଥିବା ସମସ୍ତଙ୍କୁ ରେଡକ୍ରସ ତରଫରୁ ମାସ୍କ, ସାନିଟାଇଜର, ସାବୁନ ତଥା ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଜିଲ୍ଲା ଆପାତକାଳୀନ ଅଫିସର ତଥା ରେଡ଼କ୍ରସର ସମ୍ପାଦକ କୁନ୍ତୀରାଣୀ ନାଏକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ସଦର ବ୍ଲକ ଉନ୍ନୟନ ଅଧିକାରୀ ମିତ୍ରଭାନୁ ନାଏକ ଉଦଘାଟନ କରିଥିଲେ । ଏହି ଶିବିରକୁ ପରିଚାଳନା କରିବାରେ କୁଲଟା ସରପଞ୍ଚ ରେଣୁବାଳା ସା, ପିଇଓ କରୁଣାକର ପଟେଲ ବିକ୍ରମ ସିଂ ନାଏକ, କିଶୋର ଚନ୍ଦ୍ର ସା ସହଯୋଗ କରିଥିଲେ । ରେଡ଼କ୍ରସର ଆଜୀବନ ସଦସ୍ୟ ବୃନ୍ଦ ପ୍ରଦୀପ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଜିତ ପ୍ରସାଦ, ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଡାକ୍ତର ଲବଣିଧର ଦାନୀ, ଡାକ୍ତର ଉତ୍କଳ ମେହେର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ତରଫରୁ ଡାକ୍ତର ଶରତ ଚନ୍ଦ୍ର ନାଏକ, ରତ୍ନପ୍ରଭା ନାୟକ, ଉପଦେଷ୍ଟା, ଯୁଧିଷ୍ଠିର ଭୈସାଲ, ଜ୍ୟୋତ୍ସ୍ନାରାଣୀ ଦେହୁରୀଆ, ଦୁଷ୍ମନ୍ତ ପଟେଲ, ଧରୁଆଡିହି ଭାରତୀୟ ଷ୍ଟେଟବ୍ୟାଙ୍କର ଶାଖା ପରିଚାଳକ ଚିତ୍ତରଞ୍ଜନ ମଲିକ ପ୍ରମୁଖ ସହଯୋଗ କରିଥିଲେ ।

# ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବନମହୋତ୍ସବ

ଝାରସୁଗୁଡ଼ା : ସ୍ଥାନୀୟ ବାଲିଯୋରୀ ସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିର ପରିସରରେ ବରିଷ୍ଠ ନାଗରିକ ସଂଘ ତରଫରୁ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଜିଲ୍ଲାପାଳ ସରୋଜ କୁମାର ସାମଲ ମୁଖ୍ୟ ଅତିଥି, ଡିଏଫଓ ଲଳିତ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ମାଙ୍ଗିଦାର, ସମ୍ପାଦକ ଦେବାର୍ଜ୍ଜନ ଠାକୁର ଓ ଟହଲୁ ସାହୁ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏଥିରେ ବିଦ୍ୟାଳୟ ଅଧକ୍ଷା ସଞ୍ଜୁକ୍ତା ଦାସ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ତାପସ ରାୟ ଚୌଧୁରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ୨୫୦ ଚାରା ରୋପଣ କରାଯାଇଥିଲା । ସଂଘର ସଦସ୍ୟ ଫକିର ମୋହନ ବାରିକ, ବାଳଗୋବିନ୍ଦ ମିଶ୍ର, ତୁଳାରାମ ପଟେଲ, ସୁଦାମ ଚନ୍ଦ୍ର ନାୟକ, ରଘୁମଣି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶୀ ସଙ୍ଗୀତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଉତ୍କର୍ଷ' ଉଦ୍‌ଘାଟିତ

ଭୁବନେଶ୍ୱର : ଓଡ଼ିଶୀ ସଙ୍ଗୀତର ବିକାଶ ତଥା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଧିକ ପ୍ରଚାର ପ୍ରସାର ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ଉତ୍କର୍ଷ' ଉଦଘାଟିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସହଯୋଗରେ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦଘାଟନ କରିଥିଲେ । ବିଭାଗୀୟ କମିଶନର ତଥା ଶାସନ ସଚିବ ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି, ସଚିବ ପ୍ରବୋଧ ରଥ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଡକ୍ଟର ସଙ୍ଗୀତା ଗୋସାଇଁ ଉପସ୍ଥିତ ଥିଲେ । 'ଉତ୍କର୍ଷ'ରେ ଓଡ଼ିଶୀ ଗାୟନ ଓ ବାଦନ କ୍ଷେତ୍ରରେ ୬ ଜଣ ପ୍ରତିଷ୍ଠିତ ଗୁରୁ ନିଜର ସର୍ବୋତ୍ତମ ୩ ଜଣ ଲେଖାଏଁ ଶିଷ୍ୟାଶିଷ୍ୟଙ୍କୁ ଚୟନ କରିବେ । ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରଶିକ୍ଷଣ ଦେଇ ଜାତୀୟ ସ୍ତରରେ ପରିବେଷଣା ପାଇଁ ଦକ୍ଷ କରିବେ । ପ୍ରତି ୩ ମାସରେ ଥରେ ପ୍ରଶିକ୍ଷିତ ଶିକ୍ଷାର୍ଥୀମାନେ ବିଶେଷଜ୍ଞମାନଙ୍କ ସମ୍ମୁଖରେ କଳା ପରିବେଷଣ କରିବେ । ପ୍ରଥମ ପର୍ଯ୍ୟାୟରେ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ଗୁରୁ ରାମହରି ଦାସ, ଗୁରୁ କେଶବ ଚନ୍ଦ୍ର ରାଉତ, ଗୁରୁ ବିଜୟ କୁମାର ଜେନା, ଗୁରୁ ଧନେଶ୍ୱର ସ୍ୱାଇଁ ଓ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ଏହି ଗୁରୁଦାୟିତ୍ୱ ଅର୍ପଣ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଉତ୍ତରାଞ୍ଚଳ ଡିଭିଜନର ଲୋକସମ୍ପର୍କ ବିଭାଗର ନୂତନ ଉପନିର୍ଦ୍ଦେଶକ

ସମ୍ବଲପୁର : ଶ୍ରୀ ବିଜୟ କୁମାର ମିଶ୍ର ଉତ୍ତରାଞ୍ଚଳ ଡିଭିଜନର ଲୋକସମ୍ପର୍କ ବିଭାଗର ନୂତନ ଉପ ନିର୍ଦ୍ଦେଶକ ଭାବେ ଯୋଗ ଦେଇଛନ୍ତି । ପୂର୍ବରୁ ସେ ଦେବଗଡ଼ ଜିଲ୍ଲାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଥିଲେ । ପଦୋନ୍ନତି ପାଇବା ପରେ ସେ ତାଙ୍କ ନୂତନ ପଦବୀରେ ଏଠାରେ ଯୋଗ ଦେଇଛନ୍ତି । ନନ୍ଦପଡ଼ାର ବାସିନ୍ଦା ଶ୍ରୀ ମିଶ୍ର ଜଣେ ଦକ୍ଷ ଅଧିକାରୀ ରୂପେ ଖ୍ୟାତି ଅର୍ଜନ କରିଛନ୍ତି ।

# ବେନିୟମ ଭାବେ ବାଲି ଚାଲାଣ

ସୁବର୍ଣ୍ଣପୁର : ସୋନପୁର- ମନମୁଣ୍ଡା ବ୍ରିଜ ଜଳ ତେଲ ନଦୀରୁ ୬ଟି ଟ୍ରାକ୍ଟରକୁ ବେନିୟମ ଭାବେ ବାଲି ଚାଲାଣ କରୁଥିବା ସମୟରେ ତହସିଲଦାର ଶ୍ରୀ ନବୀନ କିଶୋର ପାଢ଼ୀ ଚଢ଼ାଉ କରି ୬ଟି ଟ୍ରାକ୍ଟରରୁ ୫୦,୦୦୦ ହଜାର ଟଙ୍କା ଜୋରିମାନା ଆଦାୟ କରିଛନ୍ତି । ଏହି ଚଢ଼ାଉ ସମୟରେ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେର ଓ ରାଜସ୍ୱ ନିରୀକ୍ଷକ ସୁଧୀର କୁମାର ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳା ବିଜେଡିର ରକ୍ତଦାନ ଶିବିର

ବରଗଡ଼ : ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ବିଜୁ ମହିଳା ଜନତା ଦଳ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଶିବିରକୁ ଉଦ୍‌ଘାଟନ କରିଥିଲେ । ଏଥିରେ କେବଳ ମହିଳାମାନେ ସାମିଲ ହୋଇଥିବା ବେଳେ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ସମ୍ମାନିତ ଅତିଥି ଭାବେ ମହେଶ୍ୱତା ଆଚାର୍ଯ୍ୟ, ପୂର୍ବତନ ଉପନଗରପାଳ କଳ୍ପନା ମାଝି, ଜୟା ବେହେରା ଯୋଗଦେଇଥିବା ବେଳେ ଓଡ଼ିଶା ମୋ ପରିବାର ଜିଲ୍ଲା ସଂଯୋଜକ ଗୌର ହରି ମିଶ୍ରଙ୍କ ସମେତ ଟାଉନ୍ ବିଜେଡି ବ୍ଲକ ଅଧକ୍ଷା ତଥା ରାଜ୍ୟ ସମ୍ପାଦିକା ମଞ୍ଜୁ ପଣ୍ଡା ଓ ଡ଼ା. ସସ୍ମିତା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ



କରାଯାଇଥିଲା । ବରଗଡ଼ ଜିଲ୍ଲା ଜୀବନ ବିନ୍ଦୁ ସହ ସଂଯୋଜକ ଅଶ୍ୱିନୀ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ଦଳୀୟ ନେତା ଓ କର୍ମୀ ସହଯୋଗ କରିଥିଲେ । ସଭାପତି କିଶୋର ମିଶ୍ର, ଉମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏ ଅବସରରେ କରୋନା ମହାମାରୀ ସମୟରେ ଉଲ୍ଲେଖନୀୟ ଅବଦାନ ପାଇଁ ବରଗଡ଼


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ବିଧାୟକ କିଶୋର ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ






ଝାରସୁଗୁଡ଼ା: ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି । ଚନ୍ଦନିମାଲ ପଞ୍ଚାୟତ କନ୍ଦାକୁଡ଼ାରେ ବିଧାୟକ ପାଣ୍ଠିରୁ ୨ ଲକ୍ଷ ଏବଂ ଜିଲ୍ଲା ପରିଷଦ ପାଣ୍ଠିରୁ ୧ ଲକ୍ଷରେ ଜଙ୍ଘା ଛତ୍ର ପୀଠ ନିର୍ମାଣ ସକାଶେ ଶିଳାନ୍ୟାସ କରିଛନ୍ତି । ବରପାଲି ଖେଳ ପଡିଆ ଠାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୩ ଲକ୍ଷ ବ୍ୟୟ ଅଟକଳରେ ଗୋଷ୍ଠୀକେନ୍ଦ୍ର ଓ ମଞ୍ଚର ଉନ୍ନତିକରଣ ଶୁଭ ଉଦଘାଟନ କରିଥିଲେ । ମନରେଗାରେ ୫ ଲକ୍ଷ ବ୍ୟୟରେ ତବଲାମାଳ ଠାରୁ ପତରପେଁଡି ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ଏବଂ ୧୦ ଲକ୍ଷ ବ୍ୟୟରେ ଗ୍ରାମୀଣ ଉଦ୍ୟାନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ ।

ବ୍ରଜରାଜନଗର ମହାବିଦ୍ୟାଳୟ ଠାରେ ୭୦ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ କଲେଜ ଶ୍ରେଣୀ ଗୃହକୁ ଶ୍ରୀ ମହାନ୍ତି ଉଦଘାଟନ କରିଛନ୍ତି । ଏହି ଅବସରରେ କଲେଜ ସଭାଗୃହରେ ଅଧକ୍ଷ ବିଶ୍ୱଜିତ ଖମାରୀଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । କଲେଜର ଅଧାପକ ରବିନାରାୟଣ ପାଣି, ବିଜୟ କୁମାର ସାହୁ, ବିକ୍ରମ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ଅଧାପିକା ମୋନାଲିସା ଦାଶ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ବିଧାୟକ ଓ ମହାବିଦ୍ୟାଳୟର ଅଧାପକ ଅଧାପିକାମାନେ କଲେଜ ପରିସରରେ ବୃକ୍ଷ ରୋପଣ କରିଥିଲେ । ବିଶ୍ୱନାଥ ନାୟକ, କୁଳମଣି ଦାଶ, ନୃପ ତାଣ୍ଡି, ଶେଷଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ଇବନଦୀ ବରଘାଟ ଠାରେ ନିର୍ମିତ ଶବଦାହ ଗୃହ ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି ।

ଏହାଛଡ଼ା ଶ୍ରୀ ମହାନ୍ତି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୫ ଲକ୍ଷ ଅଟକଳ ବ୍ୟୟରେ ଦଳଗାଁ ଠାରେ ଷ୍ଟାଡିୟମ ନିର୍ମାଣ ପାଇଁ ଶିଳାନ୍ୟାସ ଓ








୫ ଲକ୍ଷ ଅଟକଳ ବ୍ୟୟରେ ଲକ୍ଷେଘର ଗଣ୍ଡା ସମାଜ ପାଇଁ କଲ୍ୟାଣମଣ୍ଡପର ଶିଳାନ୍ୟାସ ଦିଆଯାଇଛି । ଏହି ଅବସରରେ ଲଖନପୁର ବ୍ଲକ ଅଧକ୍ଷା ଶାନ୍ତି ପ୍ରଧାନ, ଦଳଗାଁ ସମିତି ସଭ୍ୟ ସାବିତ୍ରୀ ଧୁରୁଆ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ରାଜ୍ୟ ପରିଷଦ ଟିକେଶ୍ୱର ସେନାପତି, ରାଜ୍ୟ ସମ୍ପାଦକ ବିଜୁ ମହିଳା ଦଳ ସୁଜାତା ଦିଗଲ, ବିଜେଡି ଉପସଭାପତି ସଞ୍ଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ବ୍ରଜରାଜନଗର ହରିଓମ ବିହାର ଅଞ୍ଚଳରେ ମଧ ଶ୍ରୀ ମହାନ୍ତି ଏକ ମନ୍ଦିର ଓ କଲ୍ୟାଣ ମଣ୍ଡପ ପାଇଁ ଭୂମିପୂଜା କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ ଓ ଦିଲୀପ ଅଗ୍ରୱାଲ ଯୋଗ ଦେଇଥିଲେ । ମନ୍ଦିର କମିଟିର ସଭାପତି ସନ୍ତୋଷ ମିଶ୍ର କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଅନୁଷ୍ଠିତ ସଭାରେ ମନ୍ଦିର କମିଟିର ସାଧାରଣ ସମ୍ପାଦକ ଜୟନ୍ତ ଦୀକ୍ଷିତ ମନ୍ଦିର ଓ କଲ୍ୟାଣ ମଣ୍ଡପ ବାବଦରେ ବିବରଣୀ ଉପସ୍ଥାପନ କରିଥିଲେ । ଯୋଗେନ୍ଦ୍ର ଠାକୁର ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ରମାନାଥ ମିଶ୍ର, ରବୀନ୍ଦ୍ର ଦୀକ୍ଷିତ, ଗଣେଶ ଦାସ, ମାହେଶ୍ୱରୀ, ଗୌରହରି ପ୍ରଧାନ, ଭବାନୀ ଶଙ୍କର ପ୍ରଧାନ, ସୁଖୱନ୍ତ ସିଂହଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପଣ୍ଡିତ ପୁରୁଷୋତ୍ତମ ରଥ ପୂଜା କରିଥିଲେ । ଏହି ଅବସରରେ ଚାରା ରୋପଣ କରାଯାଇଥିଲା । ଶେଷରେ ସମୀର ବଡ଼ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ପ୍ରକାଶ ପଟ୍ଟନାୟକ, ସତ୍ୟାନନ୍ଦ ଦାସ, ରାଜେଶ ସିଂହ, ଦେବ ମିଶ୍ର, ତୋଫାନ ସେନ, ରଞ୍ଜନ ସିଂହ, କ୍ଷୀରୋଦ ରାଉତ, ବିଭିଷଣ ଶର୍ମା, ଅଶୋକ ପିନିୟାନ ଓ ମୁକେଶ ଗନେରାୱଲ ସହଯୋଗ କରିଥିଲେ ।

## ସୁବର୍ଣ୍ଣପୁର ଜିଲ୍ଲା ଉନ୍ନୟନ ଓ ତଦାରଖ କମିଟି ବୈଠକ




ସୁବର୍ଣ୍ଣପୁର: ସୁବର୍ଣ୍ଣପୁର ଜିଲ୍ଲା ଉନ୍ନୟନ ଓ ତଦାରଖ କମିଟି ବୈଠକ କମିଟି ଅଧକ୍ଷା ତଥା ଲୋକସଭା ସାଂସଦ ସଙ୍ଗୀତା କୁମାର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କିଲିଟାରି ସଭାକକ୍ଷରେ ଅନୁଷ୍ଠିତ ବୈଠକରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲ୍ଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ, ସୋନପୁର ଉପଜିଲ୍ଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲ୍ଲାପାଳ ଅଶୋକ କୁମାର ଭୋଇ, ବିଭିନ୍ନ ବ୍ଲକର ଅଧକ୍ଷ/ ଅଧକ୍ଷା, ଜିଲ୍ଲାସ୍ତରୀୟ ଅଧିକାରୀ, ଦିଶା କମିଟି ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ । ଜିଲ୍ଲାପାଳ ନରୱଣେ ସ୍ୱାଗତ ଭାଷଣ ଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗ ଓ ଅଧିକାରୀଙ୍କ ମଧରେ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରାଯିବାକୁ ଏମ୍.ପି ଶ୍ରୀମତୀ ସିଂଦେଓ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ରୀୟ ଯୋଜନାରେ ଆବଣ୍ଟିତ ପାଣ୍ଠି ଜରିଆରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକର ସଠିକ୍ କାର୍ଯ୍ୟକାରିତା ଓ ଉପଯୁକ୍ତ ପାଣ୍ଠି ବିନିଯୋଗ ଉପରେ ସେ ଗୁରୁତ୍ୱାରୋପ କରିବା ସହ ଧାର୍ଯ୍ୟ ସମୟ ମଧରେ ସମାପ୍ତ କରିବାକୁ ପରାମର୍ଶ ଦେଇଛନ୍ତି । ବୈଠକରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଓ ପୋଲ ନିର୍ମାଣ ଉପରେ ସମୀକ୍ଷା କରାଯାଇ କାର୍ଯ୍ୟର ଗୁଣାତ୍ମକ ମାନ ଉପରେ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଗୁରୁତ୍ୱାରୋପ କରି ଜାତୀୟ ସାମାଜିକ ସହାୟତା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନିର୍ମାଣ ଶ୍ରମିକ ଯୋଜନା, ଖୋର୍ଦ୍ଧା ବଲାଙ୍ଗୀର ରେଲୱେ ପ୍ରକଳ୍ପର ଅଗ୍ରଗତି, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଜାତୀୟ ଉଦ୍ୟାନ ମିଶନ ଓ ଅନ୍ୟାନ୍ୟ ଯୋଜନା ଉପର ସମୀକ୍ଷା ହୋଇଥିଲା । ଶେଷରେ ଡିଆରଡିଏ ପିଡି ଡୋଳାମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ସଦର ଥାନା ପକ୍ଷରୁ ରକ୍ତଦାନ ଶିବିର

ସମ୍ବଲପୁର: ସମ୍ବଲପୁର ସଦର ଥାନା ପୁଲିସ ପକ୍ଷରୁ ତକବା ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ଡିଏସପି ଇଲାକ୍ସିଅସ କିସପୋଟା ଏହାର ଉଦ୍‌ଘାଟନ କରିଥିଲେ । ଥାନା ଅଧିକାରୀ ଜ୍ୟୋସ୍ନାରାଣୀ ବେହେରା, ଏସଆଇ ଅନିତା ପାଟନିଆ ଓ ଅନିତା କୁଜୁର ପ୍ରମୁଖ ଉପସ୍ଥିତ ଥିଲେ । ବୁର୍ଲା ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ସମସ୍ତ ରକ୍ତଦାତାଙ୍କୁ ଏହି ଅବସରରେ ରକ୍ତଦାତା ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।



## ସମ୍ବଲପୁର ଉପଜିଲ୍ଲାପାଳ ମୟୁର ସୂର୍ଯ୍ୟବଂଶୀଙ୍କ ବିଭିନ୍ନ ପଥର କ୍ୱାରୀ ଉପରେ ଚଢ଼ଉ



ସମ୍ବଲପୁର: ଜିଲ୍ଲାର ବିଭିନ୍ନ ସ୍ଥାନରେ ହେଉଥିବା ବେଆଇନ ପଥର ଖନନକାରୀଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ସଦର ଉପଜିଲ୍ଲାପାଳ ମୟୁର ସୂର୍ଯ୍ୟବଂଶୀଙ୍କ ନେତୃତ୍ୱରେ ବେଆଇନ ଖନନ ଚାଲିଥିବା ଜାଗାମାନଙ୍କୁ ଅଚାନକ ଚଢ଼ାଉ କରି ଖନନ ପାଇଁ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ଜବତ କରାଯିବା ସାଙ୍ଗକୁ ବେଆଇନ କାର୍ଯ୍ୟରେ ଲିପ୍ତଥିବା ବ୍ୟକ୍ତିମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଦୀର୍ଘଦିନରୁ ଏହି ବେଆଇନ କାରବାର କିଛି ମୁଷ୍ଟିମେୟ ଅଧିକାରୀଙ୍କ ଜ୍ଞାତସାରରେ ଚାଲି ସରକାରୀ ରାଜସ୍ୱ ବିପୁଳ ପରିମାଣରେ କ୍ଷତି ହେଉଥିଲା । ଏହି ବେଆଇନ କାରବାର ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଉପଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ତାକୁ ରୋକିବା ପାଇଁ ପଦକ୍ଷେପ ନେବା ଆରମ୍ଭ କରିଛନ୍ତି ।

ଇତି ମଧରେ ରେଙ୍ଗାଲି ତହସିଲର ବାରଡୁଙ୍ଗୁରୀ ନିକଟରେ ଥିବା ତବଡ଼ାବାହାଲ, ଝାଙ୍କରପାଲିର ପଥରକ୍ୱାରିରେ ବେଆଇନ ଭାବେ ପଥର ଖନନ ଚାଲିଥିବା ଖବର ପାଇ ଉପଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଚଢ଼ାଉ କରି ସେଠାରୁ ଚାରିଟି ଏସକାଭେଟର ଏବଂ ଗୋଟିଏ ଜେନେରେଟର ଜବତ କରିଛନ୍ତି । ଏହାଛଡ଼ା ବେଲପାହାଡ଼ର ବାଲାଜି କନଷ୍ଟ୍ରକସନ ସମେତ ଅନ୍ୟ ତିନିଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ।

ସେହିପରି ଯୁଯୁମୁରା ତହସିଲର ୩ ଟି ପଥର କ୍ୱାରିରେ ବେଆଇନ ଖନନ ହେଉଥିବା ଖବର ପାଇ ଉପଜିଲ୍ଲାପାଳ ମୟୁର ସୂର୍ଯ୍ୟବଂଶୀଙ୍କ ନେତୃତ୍ୱରେ ଏକ ଅଧିକାରୀ ଦଳ ଯୁଯୁମୁରା ତହସିଲର ବାରଲେଇ- ୪ ଓ ହାତୀବାରି ୩ ଓ ୪ ନମ୍ବର ପଥର କ୍ୱାରିରେ ଚଢ଼ଉ କରିଥିଲେ । ଯାଞ୍ଚ ବେଳେ ଉକ୍ତ ଖଣିଗୁଡିକରେ ଧାର୍ଯ୍ୟ ଅନୁମତି ଠାରୁ ଯଥେଷ୍ଟ ଅଧିକ ଗଭୀର ପର୍ଯ୍ୟନ୍ତ ପଥର ଖନନ କରା ଯାଇଥିବା ଜଣା ପଡିଥିଲା । ସେହିପରି ଖଣି ଖନନ ପାଇଁ ବେଆଇନ ବିସ୍ଫୋରଣ ବି ହେଉଥିଲା । ମାଟି ତଳକୁ ୬ ମିଟର୍ ପର୍ଯ୍ୟନ୍ତ ଖୋଳିବାକୁ ଅନୁମତି ରହୁଥିଲା ବେଳେ ୧୫ ରୁ ୨୦ ମିଟର ପର୍ଯ୍ୟନ୍ତ ବେଆଇନ ଖନନ ଦେଖିବାକୁ ମିଳିଥିଲା । ତେଣୁ ଏହି ୩ ଟି ଯାକ ଖଣି ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଗତ ଫେବ୍ରୁଆରି ମାସରେ ବାରଲୋଇ-୨ ନମ୍ବର ପଥର କ୍ୱାରି ଉପରେ ଚଢ଼ଉ ହୋଇଥିଲା । ସେଠାରେ ମଧ ଅଧିକ ଗଭୀରତା ପର୍ଯ୍ୟନ୍ତ ଖଣି ଖନନ ଯୋଗୁଁ ୫୦ ଲକ୍ଷ ଟଙ୍କା ଜରିମାନା କରା ଯାଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra